# ଦୁର୍ଗମ ଅଞ୍ଚଳରେ ଜଳ ଯୋଗାଉଛି ସୌର ପ୍ରକଳ୍ପ

ସମ୍ବଲପୁର, ୧୨(ସମିସ)

ଦୁର୍ଗମ ଅଞ୍ଚଳବାସୀଙ୍କ ଜଳକଷ୍ଟ ଦୂର କରିବା ପାଇଁ ରାଜ୍ୟ ସରକାର ସୋଲାର ପାନୀୟ ଜଳ ପ୍ରକଳ୍ପ ଯୋଜନା ଆରମ୍ଭ କରିଥିଲେ। ଯାହାକି ଆଜି ସଫଳ ରୂପାୟନ ହୋଇଛି। ଆଜି ସମ୍ବଲପୁର ଜିଲ୍ଲାର ଜଙ୍ଗଲ ପରିବେଷ୍ଟିତ ପାହାଡିଆ ଅଞ୍ଚଳ ତଥା ଗ୍ରାମାଞ୍ଚଳରେ ପାନୀୟ ଜଳ ସଭସ୍ୟା ଦୂର କରିଛି। ଲୋକଙ୍କ ଶୋଷ ମେଣ୍ଟିଛି। ନଳ ଖୋଲିଲେ ୨୪ ଘଣ୍ଟା ପାନୀୟ ଜଳ ମିଳୁଛି। ବିଜୁଳି ସଂଯୋଗ ଥାଉ କି ନ ଥାଉ ଏହି ପ୍ରକଳ୍ପ ଦ୍ୱାରା ପାନୀୟ ଜଳ ପାଇଁ ସମସ୍ୟା ହେଉନାହିଁ। କମ ଖର୍ଚ୍ଚରେ ଆବଶ୍ୟକଠାରୁ ଅଧିକ ପାଣି ଯୋଗାଇ ପାରିଛି ଏହି ପ୍ରକଳ୍ପ। ଏଭଳି ପ୍ରକଳ୍ପକୁ ନେଇ ଅଞ୍ଚଳବାସୀ ସନ୍ତୋଷ ପ୍ରକାଶ କରିଛନ୍ତି। କୌଣସି ପୋଖରୀ, ଗାଡିଆ ପାଣି ସେମାନଙ୍କୁ ପିଇବାକୁ ପଡୁନାହିଁ। ଗରାଏ ପାଣି ପାଇଁ କୌଣସି ମହିଳାଙ୍କୁ ୧ରୁ ୨ କିଲୋମିଟର ବାଟ ଯିବାକୁ ପଡୁନାହିଁ। ବିଶୁଦ୍ଧ ଜଳ ଯୋଗୁ ସେମାନଙ୍କ ପିଲାମାନଙ୍କ ସହ ପରିବାର ସଦସ୍ୟମାନେ ସୁସ୍ଥ ରହୁଛନ୍ତି ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ଇତିମଧ୍ୟରେ ସମ୍ବଲପୁର ଜିଲାରେ ଏପରି ୪୦୦ରୁ ଅଧିକ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇଛି। ୨୫୦ ପ୍ରକଳ୍ପ ନିର୍ମାଣ କାମ ଜାରି ରହିଥିବା ସୂଚନା ମିଳିଛି। ଅଭିଯୋଗ କ୍ରମେ



ବର୍ଷାଦିନରେ ନାଳ, ବନ୍ଧ, ପୋଖରୀରୁ ପାଣି ସଂଗ୍ରହ କରି ପାନୀୟ ଜଳ ରୂପେ ବ୍ୟବହାର କରୁଥିଲେ। କେହି କେହି ଛୋଟ କୂଅ ଖୋଳି ପାଣି ସଂଗ୍ରହ କରିଥାନ୍ତି। ହେଲେ ଖରାଦିନ ଆସିଲେ ସେମାନଙ୍କ ପାଇଁ ପାଣି ସମସ୍ୟା ମୁଣ୍ଡବ୍ୟଥାର କାରଣ ହୋଇଯାଉଥିଲା। ଗୋଟିଏ ଗାଁରୁ ଆଉ ଗୋଟିଏ ଗାଁକୁ ଗରା ବାଲ୍‌ଟି ଧରି ମହିଳାମାନେ ପାଣି ପାଇଁ ଯାଇଥାନ୍ତି। ତଥାପି ବିଶୁଦ୍ଧ ପାନୀୟ ଜଳ ମିଳେ ନାହିଁ। ଏଥିପାଇଁ ଗ୍ରାମବାସୀ କିଡ଼ନୀ ଜନିତ ରୋଗ ସହିତ ଝାଡାବାରିରେ ଆକ୍ରାନ୍ତ ହୋଇଥିବା ନଜର ରହିଛି। ଦୂରହେଲା ଦୁର୍ଗମ ଅଞ୍ଚଳବାସୀଙ୍କ ଜଳକଷ୍ଟ ଦୂର ହେଉଛି। ପ୍ରତି ପ୍ରକଳ୍ପ ଦ୍ୱାରା ୫ହଜାରରୁ ୧୦ ହଜାର ଲିଟର ପର୍ଯ୍ୟନ୍ତ ପାଣି ଟାଙ୍କି ବ୍ୟବସ୍ଥା ହୋଇଛି। ଅପହଞ୍ଚ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଦୂର ପାଇଁ ଏହି ଯୋଜନା ହୋଇଛି। ଏପରି ସମସ୍ୟାର ସମାଧାନ ପାଇଁ ସୋଲାର ପାନୀୟ ଜଳ ପ୍ରକଳ୍ପ ଦୁର୍ଗମ ଅଞ୍ଚଳବାସୀଙ୍କ ପାଇଁ ଆଶୀର୍ବାଦ ସଦୃଶ ହୋଇଛି। ପୂର୍ବରୁ ଗାଁରେ ପାନୀୟ ଜଳ ପାଇଁ ବହୁ ହଟହଟା ହେବାକୁ ପଡୁଥିଲା। ଗାଁରେ ଥିବା ନଳକୂପରୁ ଯେତିକି ପାଣି ବାହାରୁଥିଲା ତାହା ଗ୍ରାମବାସୀଙ୍କ ଆବଶ୍ୟକ ପୂରଣ କରିପାରୁ ନ ଥିଲା। ବହୁ ଦୂର ଯାଇ ପାଣି ଆଣିବାକୁ ପଡୁଥିଲା। ଜଳ ପ୍ରକଳ୍ପ ଉପରୋକ୍ତ ସମସ୍ୟା ଦୂର କରିଛି। ପାହାଡିଆ ଅଞ୍ଚଳବାସୀଙ୍କ ପାଇଁ ଏହି ଯୋଜନା ବରଦାନ ସଦୃଶ ହୋଇଛି ପାନୀୟ ଜଳ ସମସ୍ୟା ଦୂର ହୋଇଯାଇଛି। ସମସ୍ତ ୱାର୍ଡରେ ଏଭଳି ପ୍ରକଳ୍ପ ନିର୍ମାଣ ପାଇଁ ପ୍ରଶାସନ ଗୁରୁତ୍ୱ ଦେବାକୁ ଅନୁରୋଧ କରିଛି। ଏ ସମ୍ପର୍କରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛିଯେ, ଅପହଞ୍ଚ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଦୂର ପାଇଁ ଏହି ଯୋଜନା ଆରମ୍ଭ କରାଯାଇଛି। ପ୍ରତ୍ୟେକ ବ୍ଲକରୁ ଗ୍ରାମଗୁଡିକ ଚିହ୍ନଟ କରାଯାଇ ଏହି ଯୋଜନାରେ ସାମିଲ କରାଯାଉଛି। ପର୍ଯ୍ୟାୟ କ୍ରମେ କାମ ଚାଲିଛି। କମ୍ ଖର୍ଚ୍ଚରେ ଲୋକମାନଙ୍କ ପାଖରେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଜନସଂଖ୍ୟାକୁ ଆଖି ଆଗରେ ରଖି ପ୍ରତି ପ୍ରକଳ୍ପ ଦ୍ୱାରା ୫ହଜାରରୁ ୧୦ ହଜାର ଲିଟର ପର୍ଯ୍ୟନ୍ତ ପାଣି ଟାଙ୍କି ବ୍ୟବସ୍ଥା କରାଯାଇଛି। ସେହି ପାଣିଟାଙ୍କିରେ ସେନ୍ସର ସିଷ୍ଟମ ରହିଛି। ଟାଙ୍କିରୁ ପାଣି କମିଗଲେ ଆପେ ଆପେ ମୋଟର ଚାଲୁ ହେବ ଓ ଟାଙ୍କିରେ ପାଣି ଭର୍ତ୍ତି ହେଉଛି। ଏହି ପ୍ରକଳ୍ପର ମରାମତି ଖର୍ଚ୍ଚ ମଧ୍ୟ କମ ବୋଲି କହିଛନ୍ତି।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ସମ୍ବଲପୁରର ଦୁଇ ସରପଞ୍ଚ

**ମାନେଶ୍ୱର/କୁଚିଣ୍ଡା, ୧୨(ସମିସ) :** ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନାରେ ସମ୍ବଲପୁର ଜିଲ୍ଲାର ୨ ସରପଞ୍ଚ ଗତକାଲି ସମ୍ମାନୀତ ହୋଇଛନ୍ତି। ନିଜ ପଞ୍ଚାୟତରେ ମାଟ୍ରିକ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ ଦେଖାଇଥିବା ରାଜ୍ୟର ୪୧୪ଟି ଗ୍ରାମ ପଞ୍ଚାୟତ ଏହି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ଧମା ପଞ୍ଚାୟତର ସରପଞ୍ଚ ଲଳିତା ପ୍ରଧାନ ଓ କୁଚିଣ୍ଡା ବ୍ଲକ କୁନ୍ତରା ପଞ୍ଚାୟତର ସରପଞ୍ଚ୍ ସୁନିତା କିଶାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରମାଣପତ୍ର, ମେଡାଲ ଓ ଉତ୍ତରିୟ ପ୍ରଦାନ କରିବା ସହିତ ଆର୍ଥିକ ସହଯୋଗ ରାଶି ମଧ୍ୟ ପ୍ରଦାନ କରିଛନ୍ତି। ଶିକ୍ଷା କ୍ଷେତ୍ରରେ ନିଜସ୍ୱ ଉଦ୍ୟମରେ ପଞ୍ଚାୟତ ଭିତରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବାରେ ସରପଞ୍ଚମାନଙ୍କ ଭୂମିକାକୁ ସ୍ୱୀକୃତି ଦେବା ସ୍ୱରୂପ ମେଧାବୀ ଶିକ୍ଷାର୍ଥୀ, ପ୍ରଧାନ ଶିକ୍ଷକ, ଶିକ୍ଷକ/ଶିକ୍ଷୟତ୍ରୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ବିଦ୍ୟାଳୟ ପରିଚାଳନା କମିଟି, ପୁରାତନ ଛାତ୍ର କମିଟି, ପଞ୍ଚାୟତ ସମିତି, ବିଦ୍ୟାଳୟ ଭଳି ସମୁଦାୟ ୭୫୧୯ ଜଣଙ୍କ ଭିତରେ ସରପଞ୍ଚମାନଙ୍କୁ ମଧ୍ୟ ଏଥିରେ ସାମିଲ କରାଯାଇ ଗତକାଲି





**ଧମାରୁ ଲଳିତା, କୁନ୍ତରାରୁ ସୁନିତା**

ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜିତ ଉତ୍ସବରେ ସ୍କୁଲ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି, ୫ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ, ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ଅଶ୍ୱଥୀ ଏସ୍ ଏବଂ ଓପେପାର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ଏହି ୨ କୃତି ସରପଞ୍ ଲଳିତା ଓ ସୁନିତାଙ୍କ ସହିତ ରାଜ୍ୟର ୪୧୪ ସରପଞ୍ ମାନଙ୍କୁ ଏହି ଅବଦାନ ପାଇଁ ରାଷ୍ଟ୍ରିୟ ଗ୍ରାମପ୍ରଧାନ/ସରପଞ୍ ସଂଗଠନର ରାଜ୍ୟ ସଭାପତି ରବି ରଥ ଓ ସମ୍ପାଦକ ଡା.ରାଜାରାମ ଷଡଙ୍ଗୀ ଅଭିନନ୍ଦନ ଜଣାଇବା ସହିତ ପ୍ରଥମ ଥର ପାଇଁ ରାଜ୍ୟ ସରକାର ଗ୍ରହଣ କରିଥିବା ଏଭଳି ମହନୀୟ କାମ ପାଇଁ ପ୍ରଶଂସା ଜଣାଇଛନ୍ତି।

### ଆସନ୍ତା ୩ରେ ପ୍ରଧାନମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୧୨(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଆସନ୍ତା ୩ ତାରିଖରେ ଭାରତୀୟ ପ୍ରବନ୍ଧ ସଂସ୍ଥାନ (ଆଇଆଇଏମ୍) ସମ୍ବଲପୁର ଗସ୍ତରେ ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଏକ ରାଜ୍ୟସ୍ତରୀୟ ବୈଠକ ଆଜି



ଲୋକସେବା ଭବନ ଠାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ସହ ଆନୁଷଙ୍ଗିକ ପ୍ରସ୍ତୁତି ସମ୍ପର୍କରେ ସେ ସମ୍ପୃକ୍ତ କର୍ତ୍ତୃପକ୍ଷ, ଜିଲ୍ଲାପାଳ ଏବଂ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

ପ୍ରାପ୍ତ ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ ୩ ତାରିଖ ପୂର୍ବାହ୍ନରେ ନୂଆଦିଲ୍ଲୀ ବିମାନ ବନ୍ଦରରୁ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ଓଡ଼ିଶା ଅଭିମୁଖେ ଯାତ୍ରା କରି ଅପରାହ୍ନରେ ଝାରସୁଗୁଡ଼ା ବିମାନ ବନ୍ଦରରେ ଓହ୍ଲାଇ ସେଠାରୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ସମ୍ବଲପୁରସ୍ଥିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ପହଞ୍ଚି ଆଇଆଇଏମ୍ କ୍ୟାମ୍ପସରେ ପହଞ୍ଚିବେ। ସେଠାରେ ଆଇଆଇଏମ୍, ସମ୍ବଲପୁର କ୍ୟାମ୍ପସର ଲୋକାର୍ପଣ ଓ ଅନ୍ୟ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ପରେ ପରେ ସେ ସ୍ଥାନୀୟ 'ରେମେଡ୍' ପଡ଼ିଆ ଠାରେ ଏକ ସାଧାରଣ ସଭାରେ ଯୋଗଦେବେ। ଏହାକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ା ବିମାନବନ୍ଦର ସମେତ ସମ୍ବଲପୁର ଠାରେ ଅସ୍ଥାୟୀ ହେଲିପ୍ୟାଡ୍ ରେ ଆନୁଷଙ୍ଗିକ ବ୍ୟବସ୍ଥା ସହ ତାଙ୍କ ଗସ୍ତର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥାକୁ ମାନକ ନିୟମ ଅନୁସାରେ କଡାକଡ଼ି ଦୃଷ୍ଟି ଦେବାକୁ ଦେବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ଏହି ବୈଠକରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡଙ୍ଗୀ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ମନୋଜ କୁମାର ମିଶ୍ରଙ୍କ ସମେତ ରାଜ୍ୟ ପ୍ରଶାସନର ସମ୍ପୃକ୍ତ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ଆଭାସୀ ବ୍ୟବସ୍ଥା ମାଧ୍ୟମରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ, ଉତ୍ତରାଞ୍ଚଳ ଆରକ୍ଷୀ ମହାନିରୀକ୍ଷକ, ଜିଲ୍ଲାପାଳ ସମ୍ବଲପୁର ଓ ଝାରସୁଗୁଡ଼ା, ସମ୍ପୃକ୍ତ ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲାସ୍ତରୀୟ ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇଥିଲେ। ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଡଃ ସନ୍ତୋଷ ବାଲା ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମର ସବିଶେଷ ସୂଚନା ଓ ପ୍ରସ୍ତୁତି ସମ୍ପର୍କରେ ଉପସ୍ଥାପନ କରିଥିଲେ।

## ଆଇଆଇଏମ୍‌ର ସମସ୍ତ ପ୍ରସ୍ତୁତି ଶେଷ : ନିର୍ଦ୍ଦେଶକ

**ସମ୍ବଲପୁର, ୧୨(ସମିସ):** ଆସନ୍ତା ୩ ତାରିଖ ସମ୍ବଲପୁର ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀଙ୍କ ୨ ଗୋଟି କାର୍ଯ୍ୟକ୍ରମ ରହିଛି। ଆଇଆଇଏମ ସମ୍ବଲପୁର ସ୍ଥାୟୀ କ୍ୟାମ୍ପସର ଉଦ୍‌ଘାଟନ କରିବା ସହ ସମ୍ବଲପୁର ସହରର ରେମେଡ଼ ପଡ଼ିଆରେ 'ବିଶାଳ ଗ୍ୟାରେଣ୍ଟି ସମାବେଶ'ରେ ଯୋଗ ଦେଇ ଜନ ସାଧରଣଙ୍କୁ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ସମ୍ବଲପୁର ଆଇଆଇଏମ ପୁରାପୁରି ପ୍ରସ୍ତୁତ ଥିବା କହିଛନ୍ତି ନିର୍ଦ୍ଦେଶକ ମହାଦେବ ପ୍ରସାଦ ଜୟସ୍ୱାଲ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତକୁ ନେଇ ସମସ୍ତ ପ୍ରସ୍ତୁତି ପ୍ରାୟ ସରି ଯାଇଥିବା ବେଳେ ସମସ୍ତେ ଉତ୍ସାହିତ ଥିବା କହିଛନ୍ତି। ସେ ଆହୁରି କହିଛନ୍ତିଯେ, ସମ୍ବଲପୁର ଆଇଆଇଏମର ସ୍ଥାୟୀ କ୍ୟାମ୍ପସକୁ ପ୍ରଧାନମନ୍ତ୍ରୀ ନିଜେ ଶିଳାନ୍ୟାସ କରିଥିବା ବେଳେ ୪୦୦ କୋଟିର ଏହି ପ୍ରକଳ୍ପ ନିର୍ମାଣ ହୋଇଛି। ଏବେ ନିଜ ଉଦଘାଟନ କରିବାକୁ ଯାଉଛନ୍ତି। ଏହା ନିଶ୍ଚିତ ଭାବେ ଖୁସିର ବିଷୟ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଶିକ୍ଷାବିତ, ବୁଦ୍ଧିଜୀବୀ, ଡାକ୍ତର, ଇଞ୍ଜିନିଅରଙ୍କୁ ନିମନ୍ତ୍ରଣ କରାଯାଇଛି। ଏଠାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ୩୦ରୁ ୪୦ ମିନିଟର ରହିଛି। ଏଥିପାଇଁ କ୍ୟାମ୍ପସ ଭିତରେ ୩ ଟି ହେଲିପେଡ ପ୍ରସ୍ତୁତ ହୋଇଛି। ଛାତ୍ରୀଛାତ୍ରମାନଙ୍କ ସହ ଆଲୋଚନା କରିବାକୁ ମଧ୍ୟ ସ୍ଥିର ହୋଇଛି ବୋଲି କହିଥିଲେ।

## ସେବାଶ୍ରମ ବିଦ୍ୟାଳୟ ପୁରସ୍କୃତ

**ରେଙ୍ଗାଲି, ୧୨(ସମିସ):**ସମ୍ବଲପୁର ଜିଲ୍ଲ ରେଙ୍ଗାଲି ବ୍ଲକ ଅନ୍ତର୍ଗତ ବାସୁପାଲି ସେବାଶ୍ରମ ବିଦ୍ୟାଳୟ ଜିଲ୍ଲା ଏସଏସଡି ବିଭାଗରେ ତଥା ରେଙ୍ଗାଲି ବ୍ଲକ ଏକ ମାତ୍ର ବିଦ୍ୟାଳୟ ଭାବେ ଉଭୟ ବିଦ୍ୟାଳୟ ଓ ପ୍ରଧାନ ଶିକ୍ଷକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଛନ୍ତି। ଏହି ସଫଳତା ପାଇଁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ ଓ ସହକାରୀ ଶିକ୍ଷକ ଉପେନ୍ଦ୍ର ଭୁତ୍ରିଆ ବିଦ୍ୟାଳୟ ଛାତ୍ରଛାତ୍ରୀ, କର୍ମଚାରୀ, ପୁରାତନ ଛାତ୍ରଛାତ୍ରୀ ବିଦ୍ୟାଳୟ ପରିଚାଳନା କମିଟି ତଥା ସିଆରସିସି ଝାଙ୍କରପାଲି ସମ୍ବର୍ଦ୍ଧନା ଅର୍ପଣ କରିଥିଲେ।



### ରାଜ୍ୟସ୍ତରୀୟ ପାଲା କଳାକାର ସମାବେଶ ଉଦ୍‌ଯାପିତ

## ସମ୍ପ୍ରତି ଗ୍ରାମାଞ୍ଚଳରେ ହିଁ ଲୋକକଳା ବଞ୍ଚି ରହିଛି

**ସମ୍ବଲପୁର, ୧୨(ସମିସ):**ସାପ୍ତାହିକ 'ସ୍ୱୀକାର' ପକ୍ଷରୁ ଆୟୋଜିତ ଦୁଇ ଦିନିଆ ରାଜ୍ୟସ୍ତରୀୟ ପାଲା କଳାକାର ସମାବେଶର ଉଦଯାପନୀ ଉତ୍ସବରେ ଯୋଗ ଦେଇ ପ୍ରଫେସର ନାଗରାଜୁ କହିଛନ୍ତି ଯେ,



ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ ଆମ ଦେଶରେ ଲୋକକଳା ବଞ୍ଚି ରହିଥିଲା। କିନ୍ତୁ ବ୍ରିଟିଶ ଶାସନ କାଳରେ ସେମାନେ ଆମ ସଂସ୍କୃତିକୁ ନଷ୍ଟ କରିବାର ଉଦ୍ୟମ କରିଥିଲେ। ତେବେ ସ୍ୱାଧୀନତାର ପରବର୍ତ୍ତୀ କାଳରେ ଗ୍ରାମାଞ୍ଚଳରେ ଗ୍ରାମବାସୀ ଓ ଲୋକ କଳାକାରମାନଙ୍କ ଉଦ୍ୟମରେ ଲୋକକଳା ବଞ୍ଚି ରହିଛି। ଏହି ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ସର୍ବାନ୍ତାକାରଣରେ ଉଦ୍ୟମ ହେବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ଶିକ୍ଷାବିତ ଅରବିନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ପ୍ରାଧ୍ୟାପକ ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ଓ ସଂସ୍କୃତି ଗବେଷକ ଡ. ଶ୍ୟାମ ସୁନ୍ଦର ଧର ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ପାଲାର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଆୟୋଜକ ସ୍ୱୀକାରର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସିଦ୍ଧେଶ୍ୱରୀ ଧର୍ମ ସଂସଦ ପକ୍ଷରୁ ଦେବଗଡ଼ ଜିଲ୍ଲାର ପାଲା ଗାୟକ ବୃଷକେତୁ ନାଏକ, ବରଗଡ଼ ଜିଲ୍ଲାର ପାଲା ଗାୟକ ଶେଷଦେବ ଦନ୍ତା ଓ ଝାରସୁଗୁଡା ଜିଲ୍ଲାର ପାଳିଆ କ୍ଷୀରଧର ବାଗଙ୍କୁ ସମ୍ମାନିତ କରାଯାଇଥିଲା। ଏହାଛଡା ପାଲା ଗାୟକ ଅନ୍ତର୍ଯ୍ୟାମୀ ପାଇକ, ପୃଥୁଳ ଝାଙ୍କର ଓ ରାଧେଶ୍ୟାମ ପଣ୍ଡା ପାଲା ପରିବେଷଣ କରିଥିଲେ। ପୂର୍ବାହ୍ନରେ ଅନୁଷ୍ଠିତ 'ପାଲାର ସାମ୍ପ୍ରତିକ ସ୍ଥିତି ଓ ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ରରେ ଢେଙ୍କାନାଳ ଜିଲ୍ଲାର ବିଶିଷ୍ଟ ପାଲା ଗାୟକ ତଥା ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ଦୁର୍ଗା ମାଧବ ପୃଷ୍ଟି, ଆଇନଜୀବୀ ଦୀନଦୟାଳ ଅଗ୍ରୱାଲ, ସମଲେଶ୍ୱରୀ ପାଲା ପରିଷଦର ଅଧ୍ୟକ୍ଷ ରାଧେଶ୍ୟାମ ପଣ୍ଡା, ସିଦ୍ଧେଶ୍ୱରୀ ଧର୍ମ ସଂସଦର ସଭାପତି ଗୋପୀନାଥ ଷଡ଼ଙ୍ଗୀ, ଅବସରପ୍ରାପ୍ତ ଅଧ୍ୟାପିକା ନର୍ମଦା ପଣ୍ଡା ଓ ପାଲା କଳାକାରମାନେ ଅଂଶଗ୍ରହଣ କରି ଓଡ଼ିଶାର ଏହି ବିଦଗ୍ଧ କଳା ପାଲାକୁ ବଞ୍ଚାଇବା ନିମନ୍ତେ ସରକାର ସମସ୍ତ ପ୍ରକାର ଉଦ୍ୟମ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ।

### ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କଲେ ବିଭିନ୍ନ ଅନୁଷ୍ଠାନ

## କୋରାପୁଟରୁ ଆସି ବୁର୍ଲାରେ ରକ୍ତଦାନ କଲେ ସୁକାନ୍ତ

**ସମ୍ବଲପୁର, ୧୨(ସମିସ):** ଦେବଗଡ଼ ଜିଲ୍ଲାର ମହାଶ?ବେତା କିଷାନ ନାମକ ୧୩ ବର୍ଷର ଝିଅକୁ ତାଙ୍କ ବାପା ପ୍ରଥମେ ରାଉରକେଲା ହସ୍ପିଟାଲରେ ଚିକିତ୍ସିତ କରିଥିଲେ। ଗାଇନିକ ସମସ୍ୟା ଯୋଗୁଁ ଝିଅର ରକ୍ତ ଆବଶ୍ୟକ ପଡ଼ିଲା। ରାଉରକେଲାରେ ରକ୍ତନ ମିଳିବାରୁ ଗତ ୩୦ତାରିଖ ଦିନ ଝିଅକୁ ବୁର୍ଲା ରେଫର କରାଗଲା।



ଝିଅର ରକ୍ତ ବିରଳ ( ଓ ପିଜିଟିଭ ବମ୍ବେ ଫେନୋଟାଇପ) ଗ୍ରୁପର ରକ୍ତ ଅଟେ ସେଥିପାଇଁ ସମ୍ବଲପୁରରେ ମଧ୍ୟ ଏହି ରକ୍ତ ମିଳିଲା ନାହିଁ। ଝିଅର ରକ୍ତ ୨.୯% ତଳକୁ ଖସିଯାଇଥିଲା। ଏହି ବମ୍ବେ ଗ୍ରୁପ ଏତେ ବିରଳ ଯେ ସାରା ଓଡ଼ିଶାରେ କେବଳ ୨୦ରୁ ୨୫ ଜଣଙ୍କର ରକ୍ତ ଏହି ଗ୍ରୁପର ରହିଛି। ଝିଅର ବାପା ସମ୍ବଲପୁର ପୁଲିସ କାର୍ଯ୍ୟରତ ରାମଦାସ ପଣ୍ଡାଙ୍କୁ ରକ୍ତ ପାଇଁ ଯୋଗାଯୋଗ କରିଥିଲେ ଖବର ପାଇ ରାମଦାସ କୋରାପୁଟ ଜିଲ୍ଲାର ସୁକାନ୍ତ ମହାରଣାଙ୍କୁ ସବୁ ବିଷୟ ଜଣେଇଥିଲେ। ମହାରଣା ବାବୁ ଦେବଦୂତ ସାଜି ସୁଦୂର କୋରାପୁଟରୁ ସମ୍ବଲପୁରକୁ ଆସି ଆଜି ୧୨ଟା ସମୟରେ ରକ୍ତଦାନ କରିଛନ୍ତି। ସେ ଓଡ଼ିଶାର ବିଭିନ୍ନ ଜିଲ୍ଲକୁ ଯାଇ ସର୍ବମୋଟ ୨୧ ଥର ରକ୍ତଦାନ କରିସାରିଛନ୍ତି। କୋରପୁଟରୁ ଆସି ବିରଳ ଗ୍ରୁପର ରକ୍ତଦାନ କରିଥିବାରୁ ସମ୍ବଲ ଅନୁଷ୍ଠାନ, ଉତ୍ସର୍ଗ, ମାରୱାଡି ଯୁବାମଞ୍ଚ, ମାଁ ଲିମସରିଏନ ଯୁବକ ସଚେତନତା ସଂଘ ଓ ଅନ୍ୟାନ୍ୟ ସାମାଜିକ ସଂଗଠନ ତରଫରୁ ଉତ୍ତରୀୟ, ପୁଷ୍ପଗୁଛ ଓ ମାଁ ସମଲେଶ୍ୱରୀଙ୍କ ଫୋଟଚିତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ ସମ୍ବଲର କାର୍ଯ୍ୟକାରୀ ସଭାପତି, ପଞ୍ଚାନନ ତ୍ରିପାଠୀ, ପରାଗ ଅଗ୍ରୱାଲ, ନନ୍ଦକିଶୋର ଅଗ୍ରୱାଲ, ଅମିତ ସ୍ୱାଇଁ, ସ୍ୱସ୍ତିକ ପାଣ୍ଡେ, ଶ୍ରୀବତ୍ସ ପଣ୍ଡା, ଆନନ୍ଦ ଆଜାଦିୱାଲ, ରାଜେନ୍ଦ୍ର ଦାସ, ମହମ୍ମଦ ମଖବୁଲ ଉପସ୍ଥିତ ଥିବାବେଳେ ସମ୍ପାଦକ ସୁବ୍ରତ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଡଙ୍ଗରପଡ଼ା ସ୍କୁଲରେ ବାର୍ଷିକ କ୍ରୀଡା



**ଯୁଯୁମୁରା, ୧୨(ସମିସ):**ଯୁଯୁମୁରା ପଞ୍ଚାୟତ ସମିତି ଅନ୍ତର୍ଗତ ଡଙ୍ଗରପଡ଼ାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡାତ୍ସୋବ ବୁଧବାର ପାଳିତ ହୋଇଯାଇଛି। ଏହାକୁ ଆନୁଷ୍ଠାନିକ ଭାବେ ଯୁଯୁମୁରା ପଞ୍ଚାୟତ ସମିତିର ଅତିରିକ୍ତ ଶିକ୍ଷା ଅଧିକାରୀ ସଞ୍ଜୁକ୍ତା ବେହେରା ଉଦ୍‌ଘାଟନ କରିଥିବା ବେଳେ ଜୟରାମ ଖମାରୀ ମୁଖ୍ୟବକ୍ତା, ସମାଜସେବୀ ଦିଲ୍ଲିପ କୁମାର ପଣ୍ଡା, ସିଆରସିସି ଅରୁଣ ସାମଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ କୃତି ପ୍ରତଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଏଥିରେ ସିଦ୍ଧେଶ୍ୱର ବେହେରା ଅଧକ୍ଷତା କରିଥିବା ବେଳେ ଶିକ୍ଷକ ଭକ୍ତବନ୍ଧୁ ଧନ୍ୟବାଦ ଅର୍ପଣ କରିଥିଲେ।




### ଶହୀଦଙ୍କୁ ଏ କି ସମ୍ମାନ ଦେଉଛି ବିଜେପି ?

# ଦଳୀୟ ବ୍ୟାନର ଓ ପୋଷ୍ଟର୍‌ରେ ପୋତିଦେଲେ

ସମ୍ବଲପୁର, ୧୨(ସମିସ)

ଭାରତୀୟ ଜନତା ପାର୍ଟି (ବିଜେପି) ଦେଶପ୍ରେମର ନାରା ସବୁ ବେଳେ ଦେଇ ଆସୁଛି। ସଂଗ୍ରାମୀ ଓ ଶହୀଦମାନଙ୍କୁ ନେଇ ନିର୍ବାଚନି ପ୍ରଚାର କରୁଛି। ପୂର୍ବରୁ ଦେଶରେ ଶହୀଦମାନଙ୍କୁ ଅସମ୍ମାନ କରାଯାଉଥିଲା ଓ ଇତିହାସରେ ମଧ୍ୟ ଅନେକ ତଥ୍ୟ ନାହିଁ ବୋଲି ନେତାମାନେ କହି ଆସୁଛନ୍ତି। ହେଲେ ଦଳୀୟ କାର୍ଯ୍ୟକ୍ରମ ପାଇଁ ପ୍ରମୁଖ ବଜାର ସ୍ଥଳ ଗୋଲବଜାର ଛକରେ ଥିବା ଶହୀଦଙ୍କ ପ୍ରତିମୂର୍ତ୍ତିକୁ ନେତା ଓ ଦଳୀୟ ପୋଷ୍ଟର ବ୍ୟାନରରେ ପୋତି ଦେଉଛନ୍ତି। ଯାହାକୁ ନେଇ ସମ୍ବଲପୁର ସହରବାସୀ ବିଜେପିର ଏହି କାର୍ଯ୍ୟକଳାପକୁ ସମାଲୋଚନା କରୁଛନ୍ତି। ରାଷ୍ଟ୍ର ଭକ୍ତ କହୁଥିବା ଦଳ ଦେଶପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ବୀର ଶହୀଦମାନଙ୍କୁ କିଭଳି ସମ୍ମାନ ଦେଉଛି ବୋଲି ଲୋକେ କହୁଛନ୍ତି। ସୂଚନାଯେ, ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ସମ୍ବଲପୁର ସହରର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳି ଗୋଲବଜାର ଛକରେ ଶହୀଦଙ୍କୁ ଅସମ୍ମାନ କରାଯାଇଥିବା ଦେଖିବାକୁ ମିଳିଛି। ଏଠାରେ ଥିବା ଶହୀଦସ୍ତମ୍ଭରେ ଦେଶର ସ୍ୱାଧୀନତା ସଂଗ୍ରାମରେ ଶହୀଦ ହୋଇଥିବା ଭଗତ ସିଂ, ରାଜଗୁରୁ, ସୁଖଦେଓଙ୍କ ଭଳି ଦେଶର ବୀର ସନ୍ତାନଙ୍କ ପ୍ରତିମୂର୍ତ୍ତି ରହିଛି। ବୀରସନ୍ତାନଙ୍କ ସ୍ମୃତିରେ ସେମାନଙ୍କ ପ୍ରତିମୂର୍ତ୍ତିଗୁଡ଼ିକ ସ୍ଥାପନ କରାଯାଇଛି।ଏଭଳି ସ୍ଥାପିତ



ଶହୀଦଙ୍କ ପ୍ରତିମୂର୍ତ୍ତିକୁ ଘେରି ରହିଛି ଦଳୀୟ ବିଜ୍ଞାପନ। ଶହୀଦଙ୍କ ପ୍ରତିମୂର୍ତ୍ତି ଚାରିପାଖରେ ସୁରକ୍ଷା ପାଇଁ ଲାଗିଥିବା ଲୁହା ଗ୍ରୀଲରେ ଛାଇ ହୋଇ ରହିଛି ବ୍ୟାନର ପୋଷ୍ଟର। ଫଳରେ ପ୍ରତିମୂର୍ତ୍ତିଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଲୁଚି ଯାଇଥିବା ଦେଖିବାକୁ ମିଳିଛି ଯାହା ସହରବାସୀ ନିନ୍ଦା କରୁଛନ୍ତି। ମାତ୍ର ଏହାଠାରୁ ବଳି ଅତ୍ୟନ୍ତ ଦୁଃଖ ଓ ପରିତାପର କାମ ଏବଂ ବେଆଇନ୍ କାର୍ଯ୍ୟ ପ୍ରତି କାହାରି ନିଘା ନାହିଁ। ଏହା ବେଆଇନ ଓ ଜରିମାନା ଆଦାୟ ମଧ୍ୟ କରାଯିବାର ନିୟମ ରହିଛି। ରାଜନୈତିକ ଦଳ ହୋଇଥିବାରୁ କାହାକୁ ଭୟ ନାହିଁ। ସବୁ ନିୟମ କାନୁନ ତାଙ୍କ ପାଇଁ ଲାଗୁ ହୋଇ ପାରୁ ନାହିଁ। ଗୋଲବଜାର ଶହୀଦସ୍ତମ୍ଭରେ ସ୍ଥାପିତ ପ୍ରତିମୂର୍ତ୍ତିଗୁଡ଼ିକ ଭୂମିଠାରୁ ମାତ୍ର ୨ରୁ ୩ ଫୁଟ୍ ଉଚ୍ଚରେ ରହିଛି। ପ୍ରତ୍ୟେକ ଥର ରାସ୍ତା ନିର୍ମାଣ ହେବା ପରେ ଏହାର ଉଚ୍ଚତା ଆହୁରି କମି ଯାଇଛି। କେତେକ ନେତାଙ୍କ ପିଲାଳିଆମି କାମ ଯୋଗୁଁ ଆଜି ଜିଲ୍ଲା ବିଜେପି ବଦନାମ ହୋଇଯାଇଛି।



# ସାଲେପାଲି ଚାଷୀ ମୃତ୍ୟୁ ଘଟଣା: ପରିବାରକୁ ଭେଟିଲେ ବିଧାୟିକା

**ଭେଡେନ, ୧।୨(ସମିସ):** ଭେଡେନ ବ୍ଲକ ସାଲେପାଲିର ମୃତ ଚାଷୀ ସାଧୁ ସାହୁଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗୁରୁବାର ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଭେଟିବା ସହ ସମବେଦନା ଜ୍ଞାପନ କରିଛନ୍ତି। ଏହା ଏକ ହତ୍ୟା ମାମଲା ହୋଇଥିବା ବେଳେ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଥାନାଧିକାରୀଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି। ସାଧୁଙ୍କ ପରିବାରକୁ କିଛି ଆର୍ଥିକ ରାଶି ସହାୟତା ଦେବା ସହ କାର୍ଯ୍ୟରେ ଯାହା ଖର୍ଚ୍ଚ ହେବ ନିଜେ ବିଧାୟିକା ବହନ କରିବାକୁ ପରିବାର ଲୋକଙ୍କୁ କହିଥିଲେ। ମୃତ ସାଧୁ ସାହୁ ପରିବାର ଏକା ରୋଜଗାରକ୍ଷମ ବ୍ୟକ୍ତି ଥିବାରୁ ପରିବାରର ଅସୁବିଧାକୁ ଦେଖି ପୁଅ ଆଶିଷଙ୍କୁ ସରକାରୀ ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।



# ଟ୍ରଷ୍ଟ ଫଣ୍ଡ ଡିଗ୍ରୀ ମହାବିଦ୍ୟାଳୟରେ ହେବ ଶହେ ଶଯ୍ୟା ଛାତ୍ରୀ ନିବାସ

**ବରଗଡ଼, ୧।୨(ସମିସ)**

ବରଗଡ଼ ସହରସ୍ଥିତ ଟ୍ରଷ୍ଟ ଫଣ୍ଡ ଡିଗ୍ରୀ ମହାବିଦ୍ୟାଳୟର ଅତ୍ୟାଧୁନିକ ଛାତ୍ରୀ ନିବାସ ନିର୍ମାଣ ପାଇଁ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଗୁରୁବାର ଶିଳାନ୍ୟାସ କରିଛନ୍ତି। ଏହି ମହାବିଦ୍ୟାଳୟର ଭିତ୍ତିଭୂମିକୁ ସୁଦୃଢ଼ କରିବା ଓ ଛାତ୍ରୀ ନିବାସ ଯୋଗାଇବା ପାଇଁ ମହାବିଦ୍ୟାଳୟ ପରିଚାଳନା କମିଟି ତରଫରୁ ଉଦ୍ୟମ କରାଯାଇଥିବା ସହ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବିଧାୟକ ଆଚାର୍ଯ୍ୟ ରାଜ୍ୟ ସରକାରଙ୍କଠାରୁ ଏହି ଛାତ୍ରୀ ନିବାସ ନିର୍ମାଣ ପାଇଁ ୩ କୋଟି ଟଙ୍କାର ଆର୍ଥିକ ଅନୁଦାନ ମଞ୍ଜୁର କରାଇଛନ୍ତି। ବିଭାଗୀୟ ଯନ୍ତ୍ରୀ ପବିତ୍ର ପ୍ରଧାନଙ୍କ ତତ୍ୱାବଧାନରେରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଡ଼ା ସସ୍ମିତା ଦାଶ, ଟ୍ରଷ୍ଟ ଫଣ୍ଡ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ଦେବତା, ଯୁକ୍ତ ଦୁଇ ବିଭାଗ ଅଧ୍ୟକ୍ଷ

**୩ କୋଟି ବ୍ୟୟ ଅଟକଳର ପ୍ରକଳ୍ପର ଶୁଭାରମ୍ଭ କଲେ ବିଧାୟକ**

ପ୍ରତୁଲ୍ୟଚନ୍ଦ୍ର ତ୍ରିପାଠୀ, ଅଧ୍ୟାପିକା ନମିତା ବିଶି, ଅଧ୍ୟାପକ ଅଶୋକ ବେହେରାଙ୍କ ସମେତ ମହାବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ତଥା କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ନିର୍ମାଣ ହେବାକୁ ଥିବା ଦୁଇ ମହଲା ବିଶିଷ୍ଟ ଏହି କୋଠାରେ ଅଫିସ ରୁମ୍, ୱାର୍ଡେନ୍ ରୁମ୍, ପୁସ୍ତକାଳୟ, ରୋଷେଇ ଘର, ଶୌଚାଳୟ ସମେତ ଛାତ୍ରୀ ନିବାସ ପାଇଁ ଅତ୍ୟାଧୁନିକ ଆବଶ୍ୟକ ସମସ୍ତ ଆନୁଷଙ୍ଗିକ ସୁବିଧା ସୁଯୋଗ ଉପଲବ୍ଧ ହେବ ବୋଲି ବିଧାୟକ ଦେବେଶ ଆଚାର୍ଯ୍ୟ ସୂଚନା ପ୍ରଦାନ କରିଛନ୍ତି।



# ମିଶନଶକ୍ତି ଓଡ଼ିଆ କବି ସମ୍ମିଳନୀ



**ବରଗଡ଼, ୧।୨(ସମିସ):** ବରଗଡ଼ ଜିଲ୍ଲା ମିଶନ ଶକ୍ତି ଆନୁକୂଲ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଅନ୍ତର୍ନିହିତ ଗୁଣାବଳୀକୁ ବିକଶିତ କରିବା ପାଇଁ ଓଡ଼ିଆ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୩ରୁ ୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପୂର୍ବରୁ ଅନୁଷ୍ଠିତ ଜିଲ୍ଲା କବି ସମ୍ମିଳନୀରେ ୩୦ରୁ ଊର୍ଦ୍ଧ୍ୱ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ସ୍ୱରଚିତ କବିତା ପାଠ କରିଥିଲେ। ବରଗଡ଼ ମିଶନ ଶକ୍ତି ଭବନରେ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାବିତ୍ରୀ କୁମରା ଉଦଘାଟନ କରିଥିଲେ। ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜକ ଅନୀଲ ଡ଼ାହାଙ୍ଗା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଡିପିଏମ ଶଙ୍କର ଚଲାନ, ପିଓ ମିଶନ ଶକ୍ତି ରୀନା ମହାନ୍ତି, ଶିକ୍ଷକ ଗୋପବନ୍ଧୁ ପୁରୋହିତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମିଳନୀରେ ଉନ୍ନତି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା କବିତା ରଥଙ୍କ କବିତା ପ୍ରଥମ ସ୍ଥାନ, ମାଁ ଦଶଭୂଜା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଲକ୍ଷ୍ମୀ ମହାପାତ୍ର ଦ୍ୱିତୀୟ ଓ ଶ୍ୟାମାକାଳୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ସତ୍ୟବତୀ ଜେନାଙ୍କ କବିତା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା। ସମସ୍ତଙ୍କୁ ମିଶନ ଶକ୍ତି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

**୩୦ରୁ ଊର୍ଦ୍ଧ୍ୱ ଏସ୍‌ଏଚ୍‌ଜି ସାମିଲ**

# ଛାତ୍ରୀଙ୍କ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଉଦ୍‌ଯାପିତ

**ବରଗଡ଼, ୧।୨(ସମିସ):** ଟ୍ରଷ୍ଟଫଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଗତ ୧୮ରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଶିବିରରେ ୬୫ ଜଣ ଛାତ୍ରୀ ଯୋଗ ଦେଇଥିଲେ। ପ୍ରଶିକ୍ଷିକା ପ୍ରିୟମ୍ବଦା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏବଂ ଖେଳ ଶିକ୍ଷକ ସରୋଜ ଶତପଥୀ ତଥା ଅନ୍ୟ ଅଧ୍ୟାପିକାଙ୍କ ସହଯୋଗରେ ଶିବିର ପରିଚାଳିତ ହୋଇଥିଲା। ଅଧ୍ୟକ୍ଷ ପ୍ରତୁଲଚନ୍ଦ୍ର ତ୍ରିପାଠୀଙ୍କ ସହଯୋଗରେ ଶିବିରର ପରିସମାପ୍ତି ହୋଇଥିଲା।



# ନବରାତ୍ର ଯଜ୍ଞ ପାଇଁ କଳସ ଶୋଭାଯାତ୍ରା



**ଭେଡେନ, ୧।୨(ସମିସ):** ଭେଡେନ ପ୍ରସିଦ୍ଧ ନବରାତ୍ର ଅଖଣ୍ଡ ଶ୍ରୀହରି ନାମଯଜ୍ଞ ବାବା ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆରମ୍ଭ ହୋଇଛି। ଜିରାନଦୀ କୁଳସ୍ଥିତ ରାଧାମାଧବ ମଠର ମଠାଧୀଶ ବାବା ଭଗବାନ ଦାସଙ୍କ ତତ୍ତ୍ୱାବଧାନରେ ମହାଜଳାଶାୟୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋପୀକୃଷ୍ଣ ରଥ ଓ ଶାନ୍ତି ରଥ କର୍ତ୍ତା ରହିଥିଲେ। ପରେ ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଏବଂ ପୂଜାରେ ବିଶମ୍ବର ପାଣିଗ୍ରାହୀ, ଉଦ୍ଧବ ପୂଝାରୀ, ବଣ୍ଟି ପାଣିଗ୍ରାହୀ ଦାୟିତ୍ୱ ତୁଲେଇଥିଲେ। ଜଗତଭୂଷଣ ଶତପଥୀ-କମଳିନି ଶତପଥୀ, ଦିଲୀପ ରଥ-ମମତା ରଥ, ସୋମ୍ୟ ରଞ୍ଜନ ବେହେରା-ସ୍ନିଧାରାଣୀ ବେହେରା, ଅଶୋକ ସିଂ-ଜ୍ୟୋସ୍ନାମୟୀ ସିଂ କର୍ତ୍ତା ରହିଥିଲେ। ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଳାମଣି ଖେତି, ଜିଲ୍ଲା ପରିଷଦ ସଭ୍ୟା ପିଙ୍କି ବଢେଇ, ସରପଞ୍ଚ ଅକ୍ଷୟ ନାଏକ, କମିଟିର ଭରତ ବରେଇ, କୃଷ୍ଣଚନ୍ଦ୍ର ବେହେରା, ପ୍ରଦୀପ ସୁନା, ପ୍ରେମରାଜ ମେହେର, ଲକ୍ଷ୍ମଣ ସାଥୁଆ, ମାନ ମାଡ଼ପାଚି, ବିଜୟ ଲହରିଆ, ଗଜରାଜ ମେହେର, ମୁନସି ମେହେର, କଏଲାସ ମେହେର, ନିତ୍ୟାନନ୍ଦ ମେହେର, ଦୀପକ ମେହେର, ଆନନ୍ଦ ଦାଶ, ସୁକଦେବ ମେହେର ସମେତ କମିଟି ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଛାତ୍ରଛାତ୍ରୀଙ୍କୁ ବର୍ଣ୍ଣବୋଧ ବଣ୍ଟନ

**ସୋହେଲା, ୧।୨(ସମିସ):** ସୋହେଲା ବ୍ଲକ ଅନ୍ତର୍ଗତ କନଗାଁ ଶ୍ରୀ ସମଲେଶ୍ୱରୀ ଏଜୁକେସନାଲ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ମୋତିଲାଲ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ପୂର୍ବତନ ସଭାପତି ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ ମୁଖ୍ୟଅତିଥି, ପୂର୍ବତନ ପ୍ରଧାନଶିକ୍ଷକ ପ୍ରକୃତିବନ୍ଧୁ ରାମଚନ୍ଦ୍ର ସାହୁ, ସୁବାସଚନ୍ଦ୍ର ସାହୁ, ସିଆରସିସି କେଦାରନାଥ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଗାମୀ ଦିନରେ କନଗାଁ କ୍ଲଷ୍ଟର ଅଧୀନରେ ଥିବା ସମସ୍ତ ବିଦ୍ୟାଳୟରେ ବର୍ଣ୍ଣବୋଧ ପ୍ରଚଳନ ଉପରେ ଗୁରୁତ୍ୱ ଦେବାକୁ ଉଦ୍ୟମ କରାଯିବ ବୋଲି ପ୍ରକାଶ କରିଥିଲେ। ସମଲେଶ୍ୱରୀ ଟ୍ରଷ୍ଟ ପକ୍ଷରୁ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ବର୍ଣ୍ଣବୋଧ, ପେନ ଓ ପେନସିଲ ପ୍ରଦାନ କରାଯାଇଛି। ଶିକ୍ଷୟିତ୍ରୀ ବିଜୟା ସାହୁ ସ୍ୱାଗତ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗଣେଶରାମ ଦିଶ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।



# ଲେଲେହର ଗାଁରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ଶୁଭସ୍ତମ୍ଭ

**ଅମ୍ବାଭୋନା, ୧।୨(ସମିସ):** ଅମ୍ବାଭୋନା ବ୍ଲକ୍ ଉତ୍ତମ ପଞ୍ଚାୟତ ଲେଲେହର ଗ୍ରାମରେ ଗୁରୁବାର ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଣପ୍ରତିଷ୍ଠା ଓ ୧୪ତମ ଲେଲେହର- ଚଣ୍ଡିପାଲି ଧନୁଯାତ୍ରା ମହୋତ୍ସବର ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୀଷ୍ମ ଦେବ ସାହୁ କର୍ତ୍ତା ଥିବା ବେଳେ ପଣ୍ଡିତ କୀର୍ତ୍ତିଚନ୍ଦ୍ର ଦାସ, ଜଗନ୍ନାଥ ମନ୍ଦିର ପୂଜକ ଅଶୋକ ଦାଶ ମନ୍ତ୍ରପାଠ କରିଥିଲେ। ସେଠାରେ ମନ୍ଦିର ପ୍ରତିଷ୍ଠା କମିଟି ତଥା ସଭାପତି ହୀରାଧର ସାହୁ, ସଂପାଦକ ଗୋକୁଳ ଭୁଏ, ସହସଂପାଦକ ପୁରନ୍ଦର ସାହୁ, କୋଷାଧ୍ୟକ୍ଷ ତ୍ରିଲୋଚନ ଭୁଏ, ସହକୋଷାଧ୍ୟକ୍ଷ ଟିକେଶନ ଦାସ ସହ ଲେଲେହର-ଚଣ୍ଡିପାଲି ଧନୁଯାତ୍ରା କମିଟିର ଉପସଭାପତି ପ୍ରସନ୍ନ ଭୋଏ, ସଂପାଦକ ଟିକାରାମ ସା, ସହସଂପାଦକ ଚନ୍ଦ୍ରଭାନୁ ଭୋଇ ସମେତ ୫୧ ଜଣ କାର୍ଯ୍ୟକାରିଣୀ ସଦସ୍ୟ ଓ ଲେଲେହର-ଚଣ୍ଡିପାଲି ଗ୍ରାମର ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ। ଆସନ୍ତା ଫେବୃୟାରୀ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ସାତ ଦିନ ଧରି ଶ୍ରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଣପ୍ରତିଷ୍ଠା ଓ ଲେଲେହର ଚଣ୍ଡିପାଲି ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ।



# ବ୍ଲକସ୍ତରୀୟ ଭିନ୍ନକ୍ଷମ କ୍ରୀଡ଼ା ପ୍ରତିଯୋଗିତା

**ବରପାଲି,୧।୨ (ସମିସ):** ବରପାଲି ବ୍ଲକସ୍ତରୀୟ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ କ୍ରୀଡା ଉତ୍ସବ ସମାପନ ହୋଇଯାଇଛି। ଲେଣ୍ଡ୍ରା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଆୟୋଜିତ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ମୁକୁନ୍ଦ ମହରା ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ସ୍ୱାଇଁ ଓ ବ୍ଲକ ସହକାରୀ ଶିକ୍ଷାଧିକାରୀ ଦୁର୍ଯ୍ୟୋଧନ ସିଂ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ବିଆରଟି ମୁକୁନ୍ଦ ମେହେର ସଂଯୋଜନା କରିଥିଲେ। ଉଦଯାପନୀ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ମୁକୁନ୍ଦ ମହରା, ବ୍ଲକ ସହକାରୀ ଶିକ୍ଷାଧିକାରୀ ରତ୍ନକୁମାର ଭୋଇ ଓ ଲେଣ୍ଡ୍ରା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ତେଜିଲା ପଦ୍ମପୁର ଜିଲ୍ଲା ଦାବି

**ପଦ୍ମପୁର, ୧।୨(ସମିସ):** ପଦ୍ମପୁରକୁ ଜିଲ୍ଲା ଘୋଷଣା କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ଦୃଢ଼ ପ୍ରତିଶ୍ରୁତି ଏଯାଏ କାର୍ଯ୍ୟକାରୀ ହୋଇପାରି ନଥିବାରୁ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଏହା ଆଗାମୀ ଦିନରେ ବ୍ୟାପକ ରୂପ ନେଇପାରେ। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାରଠାରୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଗଣଧାରଣା ଆରମ୍ଭ ହୋଇଛି। ଆଜି ଦିନ ୧୦ଟାରୁ ଏହି ଧାରଣା ଆରମ୍ଭ କରାଯାଇଥିବା ବେଳେ ଆସନ୍ତା ୫ ଫେବୃୟାରୀରୁ ସମସ୍ତ ସରକାରୀ କାର୍ଯ୍ୟାଳୟରେ ତାଲା ପଡିବ ବୋଲି ମିଳିତ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଆବାହକ ତଥା ଓକିଲ ସଙ୍ଘ ସଭାପତି ସନ୍ତୋଷ ଶତପଥୀ ଓ ଓକିଲ ସଙ୍ଘ ସମ୍ପାଦକ ଚିନ୍ମୟ ପଣ୍ଡା ଜଣାଇଛନ୍ତି। କୋର କମିଟି ସହଯୋଗରେ ସମସ୍ତ ଅନୁଷ୍ଠାନ, କ୍ଲବ ସଦସ୍ୟ, ଓକିଲ ସଙ୍ଘ ର ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ। ପରବର୍ତ୍ତୀ ସମୟରେ ପର୍ଯ୍ୟାୟ କ୍ରମେ ସମସ୍ତ ବ୍ଲକ୍, ଗ୍ରାମପଞ୍ଚାୟତଗୁଡିକରେ ଆନ୍ଦୋଳନ ଚାଲିବ ବୋଲି କମିଟି ତରଫରୁ ନିଷ୍ପତ୍ତି ହୋଇଛି।

**୫ରୁ ସରକାରୀ କାର୍ଯ୍ୟାଳୟରେ ଝୁଲିବ ତାଲା**




# ଏ ରାସ୍ତା କାହାର? ହାତ ଝାଡ଼ିଦେଲେ ଦୁଇ ବିଭାଗ

**ଗୁଦେରପାଲି, ୧।୨(ସମିସ)**

ଗାଇସିଲେଟ ବ୍ଲକ୍‌ରେ ପ୍ରଶାସନ ବାଟବଣା ହୋଇ ଯାଇଥିବା ଅଭିଯୋଗ ହେଉଛି। ବ୍ଲକ ଅନ୍ତର୍ଗତ ମଲମଣ୍ଡା ଚାରିଛକରେ ଦୀର୍ଘ ଦିନରୁ ପ୍ରାୟ ୬ ଫୁଟ ଲମ୍ବ ଏବଂ ୨ ଫୁଟ ଗଭୀରର ଏକ ଗର୍ତ୍ତ ସୃଷ୍ଟି ହୋଇଛି। ସେଠାରେ ପାଣି ଜମି ଦୂରରୁ ପୋଖରୀର ଭ୍ରମ ସୃଷ୍ଟି କରୁଛି। ଏହା ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣାକୁ ମଧ୍ୟ ଆମନ୍ତ୍ରଣ କରୁଛି। କିଛି ଦିନ ତଳେ 'ସକାଳ'ରେ ଏ ସମ୍ପର୍କିତ ଖବର ପ୍ରକାଶ ପାଇଲା ପରେ ମଧ୍ୟ ପ୍ରଶାସନ ପକ୍ଷରେ କୌଣସି ତତ୍ପରତା ପରିଲକ୍ଷିତ ହେଉନାହିଁ। ଏ ସଂକ୍ରାନ୍ତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ପିଡବ୍ଲୁଡି ବିଭାଗ ଦୋଷ ଲଦାଲଦି ହେଉଥିବା ଜଣାପଡ଼ିଛି। ଉଭୟ ବିଭାଗର କନିଷ୍ଠ ଯନ୍ତ୍ରୀ ରାସ୍ତାଟି କେଉଁ ବିଭାଗ ଅଧୀନରେ ଯାଉଛି ସେନେଇ ଅଜ୍ଞ ଥିବା ଜଣାପଡ଼ିଛି। ତା'ହେଲେ, ପ୍ରକୃତରେ ରାସ୍ତାଟି କାହାର ? ସେନେଇ ପ୍ରଶ୍ନବାଚୀ ମଧ୍ୟରେ ଏହି ରାସ୍ତାର ନିର୍ମାଣ ଲଟକି ରହିଛି। ପଞ୍ଚାୟତ କର୍ତ୍ତୃପକ୍ଷଙ୍କଠାରୁ ମଧ୍ୟ ଏ ବାବଦରେ କୌଣସି ସ୍ୱଷ୍ଟୀକରଣ ମିଳିପାରି ନାହିଁ।

**ପୂର୍ତ୍ତ ବିଭାଗ, ଆର୍‌ଡି ଅଧିକାରୀ ଜାଣିନାହାନ୍ତି !**



ସୂଚନା ଅନୁସାରେ, ପଦ୍ମପୁର ବ୍ଲକ୍ ଦୀପ୍ତିପୁରଠାରୁ ବଲାଙ୍ଗିରକୁ ସଂଯୋଗ କରୁଛି ଏହି ରାସ୍ତା। ପୁଣି ଗାଇସିଲେଟ ବ୍ଲକ ଅନ୍ତର୍ଗତ କୁଣ୍ଡାଖାଇଠାରୁ ଗାଇସିଲେଟ ବ୍ଲକ ମୁଖ୍ୟାଳୟକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ମଲମଣ୍ଡା ଚାରିଛକରେ ପୂର୍ବ ରାସ୍ତାଟିକୁ ସଂଯୋଗ କରୁଛି। ଏହି ଉଭୟ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଏବଂ ପୂର୍ତ୍ତ ବିଭାଗ ରାସ୍ତା ଯେଉଁଠି ସଂଯୋଗ ହେଉଛି ସେହି ଛକରେ ବିରାଟ ଗର୍ତ୍ତଟିକୁ ନେଇ ବର୍ତ୍ତମାନ ବଡ଼ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ତେବେ, ଉକ୍ତ ଗର୍ତ୍ତଟିକୁ ସମ୍ପୃକ୍ତ ବିଭାଗ ମରାମତି କରିବାରେ ଏତେ ଦୋମୁହାଁ ନୀତି ଅବଲମ୍ବନ କରୁଥିବା ମଧ୍ୟ ଅଭିଯୋଗ ହେଉଛି। ଯେଉଁଠି ଗର୍ତ୍ତ ହୋଇଛି ତାହା ଉଭୟ ବିଭାଗର କିଛି କିଛି ରାସ୍ତାର ଅଂଶ। ଗର୍ତ୍ତ ପାଇଁ ପ୍ରତିଦିନ ଛୋଟବଡ ସଡକ ଦୁର୍ଘଟଣା ଘଟୁଥିବା ବେଳେ ଏହାକୁ ମରାମତି କରିବା ଦିଗରେ ଘୋର ଅବହେଳା ପରିଲକ୍ଷିତ ହେଉଛି।

ରାଜ୍ୟ ସରକାର ଗ୍ରାମାଞ୍ଚଳ ଭିତ୍ତିଭୂମିର ସୁଦୃଢ଼କରଣ ତଥା ସୁଗମ ଯାତାୟାତ ପାଇଁ ଅନୁଦାନ ଯୋଗାଇ ଦେଉଛନ୍ତି। ସେନେଇ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଉଛି। ତୃଣମୂଳ ସ୍ତରରେ ଅବହେଳା, ସମନ୍ୱୟର ଅଭାବ ଏବଂ ଉଦାସୀନତା ଯୋଗୁଁ ଏଭଳି ଅନେକ ସ୍ଥାନରେ ରାସ୍ତାଘାଟଗୁଡ଼ିକର ଉନ୍ନତି ହୋଇପାରୁ ନାହିଁ। ଫଳରେ ସ୍ଥାନୀୟ ବାସିନ୍ଦା ହନ୍ତସନ୍ତ ହେଉଛନ୍ତି।

ଏହି ରାସ୍ତାରେ ସରକାରୀ ବେସରକାରୀ ବସ, ଆମ୍ବୁଲାନ୍ସ ଚାଲିବା ସାଙ୍ଗକୁ ଅନେକ ଛାତ୍ରଛାତ୍ରୀ ଗନିଆଁପାଲି, ଗୁଦେରପାଲି ଏବଂ ନଅଗାଁ (କ) କଲେଜକୁ ଶିକ୍ଷା ଅଧ୍ୟୟନ ପାଇଁ ଯାଉଛନ୍ତି। ଦୀପ୍ତିପୁର ଛକ ଠାରୁ ବଲାଙ୍ଗିରକୁ ଏବଂ ଗୁଦେରପାଲିଠାରୁ ଗାଇସିଲେଟକୁ ଏହା ମୁଖ୍ୟରାସ୍ତା। ତଥାପି ଏ ଗର୍ତ୍ତ ପ୍ରତି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ନାହିଁ। ବରଗଡ ଜିଲ୍ଲା ପ୍ରଶାସନ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି; ଅନ୍ୟଥା ଏହି ବିରାଟ ଗର୍ତ୍ତରେ ଯୋଗୁଁ ଆଗାମୀ ଦିନରେ ବଡ଼ଧରଣର ଧନଜୀବନ ହାନି ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ ବୋଲି ଆଲୋଚନା ହେଉଛି। ସେଭଳି ପରିସ୍ଥିତିରେ କେଉଁ ବିଭାଗ ଏହି ରାସ୍ତା ନିର୍ମାଣ କରିବ ବୋଲି ମଧ୍ୟ ସ୍ଥାନୀୟ ଲୋକ ପ୍ରଶାସନ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବା ଆରମ୍ଭ କରି ଦେଇଛନ୍ତି।

# ବିଦ୍ୟାଳୟଭିତ୍ତିକ ମାନ ନିର୍ଦ୍ଧାରଣ ପ୍ରଶିକ୍ଷଣ ଶେଷ

**ପଦ୍ମପୁର, ୧।୨(ସମିସ):** ଜାନୁୟାରୀ ୨୯ରୁ ତିନିଦିନ ଧରି ଚାଲିଥିବା ରାଜବୋଡ଼ାସମ୍ବର ବ୍ଲକ ଅନ୍ତର୍ଗତ ପ୍ରାଥମିକଶିକ୍ଷକଙ୍କ ବିଦ୍ୟାଳୟଭିତ୍ତିକ ମାନ ନିର୍ଦ୍ଧାରଣ ପ୍ରଶିକ୍ଷଣ ଉଦଯାପିତ ହୋଇଯାଇଛି। ତିନୋଟି ସ୍କୁଲ ରାଜବୋଡ଼ାସମ୍ବର ଉଚ୍ଚବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଆଦିବାସୀ ଉଚ୍ଚବିଦ୍ୟାଳୟ ସର୍ଗୀବାହାଲରେ ଚାଲିଥିଲା। ଆଦିବାସୀ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ଶିବିରର ଉଦଯାପନୀ ସଭାରେ ବ୍ଲକ ଶିକ୍ଷାଧିକାରୀ ଲୋକନାଥ ଭୋଇ ସଭାପତିତ୍ୱ କରିଥିଲେ। ପ୍ରଧାନଶିକ୍ଷକ ଫକୀର ମଲ୍ଲିକ ଓ ସହ ବ୍ଲକ ଶିକ୍ଷାଧିକାରୀ ଶିବପ୍ରସାଦ ଯୋଶୀ ଉପସ୍ଥିତ ଥିଲେ। ରାଜବୋଡ଼ାସମ୍ବର ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଲୋଭାଦିନୀ ସାହୁ ସଭାପତିତ୍ୱ କରିଥିବାବେଳେ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଅବସରପ୍ରାପ୍ତ ବିଇଓ ଜନକଲାଲ ମେହେର ସଭାପତିତ୍ୱ କରିଥିଲେ। ସଭାରେ ସହ ବ୍ଲକ ଶିକ୍ଷାଧିକାରୀ ରାମସିଂ ଭୋଇ ଓ ପ୍ରେମାନନ୍ଦ ବାରିକ ଉପସ୍ଥିତ ଥିଲେ।



# ଉପଖଣ୍ଡ ହସ୍ପିଟାଲରେ ଡାଇଲିସିସ କେନ୍ଦ୍ର ଉଦ୍‌ଘାଟିତ

**ଧର୍ମଗଡ଼, ୧।୨(ସମିସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଡାୟଲିସିସ କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। ଏହା ଦ୍ୱାରା ଧର୍ମଗଡ଼ ଅଞ୍ଚଳର ଲୋକେ ମାଗଣାରେ ଏହି ସେବା ପାଇବେ। ଭର୍ଚୁଆଲ ମୋଡରେ ମୁଖ୍ୟମନ୍ତ୍ରୀ ଏହାକୁ ଉଦଘାଟନ କରିଛନ୍ତି। ଏଠାରେ ପ୍ରକାଶ ଥାଉକି କିଛି ମାସ ତଳେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଗସ୍ତରେ ଆସିଥିବା ସମୟରେ ଏହି ଅଞ୍ଚଳର କିଡନୀ ରୋଗୀ ଏକ ଡ଼ାୟଲିସିସ ସେଣ୍ଟର୍ ପାଇଁ ତାଙ୍କୁ ଅନୁରୋଧ କରିଥିଲେ। ଅନୁରୋଧ ରକ୍ଷା କରି ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଡ଼ୟଲିସିସ୍ ସେଣ୍ଟର୍ ଆରମ୍ଭ କରିଥିବାରୁ ଧର୍ମଗଡ଼ ଅଞ୍ଚଳର ଜନ ସାଧାରଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି। ଆଜିର ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଧାୟକ ମୌଶଧି ବାଗ, କଳାହାଣ୍ଡି ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ଧର୍ମଗଡ ଉପଜିଲ୍ଲାପାଳ ଧିମନ୍ ଚକମା, କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଏନ୍ ଏ ସି ଉପାଧ୍ୟକ୍ଷା ମନୀଷା ମିଶ୍ର, ବିଡିଓ ଡ. ହିମାଞ୍ଚଳ ମାଝୀ, ତହସିଲଦାର ସଞ୍ଜୟ ସାମନ୍ତରାୟ, ଉପଖଣ୍ଡ ପୁଲିସ ଅଧିକାରୀ ଧିରଜ କୁମାର ଚୌପଦାରଙ୍କ ସମେତ ବହୁ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ପିପି ମୋଡରେ କାର୍ଯ୍ୟକ୍ଷମ ହୋଇ ଥିବା ଏହି ଡ଼ାଏଲିସିସ ସେଣ୍ଟରରେ ରୋଗୀ ସେବା ପାଇଁ ୪ଟି ବେଡ ଉପଲବ୍ଧ ରହିଛି। କୋଲକତାର ଟେଲି ସଂଜୀବନୀ ନାମକ ଏକ ସଂସ୍ଥା ଏହାର ପରିଚାଳନା ଦାୟିତ୍ୱ ନେଇଥିବା ବେଳେ ଅବସରପ୍ରାପ୍ତ ଡାକ୍ତର ଅନନ୍ତରାମ ତ୍ରିପାଠୀଙ୍କୁ ଚିକିତ୍ସା ସେବା ପାଇଁ ନିଯୁକ୍ତି ଦିଆଯାଇଛି ବୋଲି ଉପଖଣ୍ଡ ଚିକିତ୍ସାଧିକାରୀ ଡାକ୍ତର ସଦାନନ୍ଦ ପାଣିଗ୍ରାହୀ ସୂଚନା ଦେଇଛନ୍ତି।



# ଆଜି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ନୂଆପଡ଼ା ଗସ୍ତ

**ନୂଆପଡ଼ା, ୧।୨(ସମିସ):** '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ୮ ମାସର ବ୍ୟବଧାନ ପରେ ପୁଣିଥରେ ଶୁକ୍ରବାର ନୂଆପଡ଼ା ଜିଲ୍ଲାକୁ ଆସୁଛନ୍ତି। ନୂଆପଡ଼ା ନ୍ୟାସନାଲ କଲେଜରେ ଜିଲ୍ଲାସ୍ତରୀୟ 'ନବୀନ ଓଡ଼ିଶା, ଯୁବ ଓଡ଼ିଶା' କାର୍ଯ୍ୟକ୍ରମରେ ଯୋଗ ଦେବେ। ସେହିଭଳି ବୋଡେନ ବ୍ଲକ ବିନୋପୁରରେ ଜନସାଧାରଣଙ୍କୁ ତଥା ଜିଲ୍ଲାବାସୀଙ୍କୁ ଭେଟି ବିଭିନ୍ନ ଦାବିପତ୍ର ଗ୍ରହଣ କରିବେ। ଏଥିପାଇଁ ସବୁ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ହୋଇଛି।

ଶୁକ୍ରବାର ପୂର୍ବାହ୍ନ ୧୧ଟା ୨୫ରେ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ସ୍ଥାନୀୟ ଗୋତମା ଏୟାରଷ୍ଟ୍ରିପରେ ଓହ୍ଲାଇ ନ୍ୟାସନାଲ କଲେଜ କାର୍ଯ୍ୟକ୍ରମରେ ଯୋଗ ଦେବେ। ୫୦ମିନିଟର କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ କଥାବାର୍ତ୍ତା ହେବେ। ଜିଲ୍ଲାବ୍ୟାପି କଲେଜଗୁଡ଼ିକରେ ହୋଇଥିବା 'ନୂଆ-ଓ' କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଏଥିରେ ଜିଲ୍ଲାର ୩୧ଟି କଲେଜରୁ ୧୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିବେ। ଏଥିପାଇଁ ସାରା ଜିଲ୍ଲାର କଲେଜ ଛାତ୍ରଛାତ୍ରୀ, ଅଭିଭାବକ, କଲେଜ କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖା ଦେଇଛି।

ମଧ୍ୟାହ୍ନ ୧୨ଟା ୨୦ରେ ଗୋତମା ଏୟାରଷ୍ଟ୍ରିପରୁ ହେଲିକପ୍ଟର ଯୋଗେ ବୋଡେନ ବ୍ଲକର ବିନୋପୁର ଅଭିମୁଖେ ଯିବେ। ବିନୋପୁରରେ ସାଧାରଣ ଜନସମାବେଶରେ ୧୨ଟା ୪୫ରୁ ୧ଟା ୩୦ ମିନିଟ ଯାଏଁ ସମ୍ବୋଧନ କରିବା ସହ ଲୋକଙ୍କ ଅଭିଯୋଗ, ଦରଖାସ୍ତ ପତ୍ର ଗ୍ରହଣ କରିବେ। ୧ଟା ୫୫ରେ ଭୁବନେଶ୍ୱର ଅଭିମୁଖେ ବାହାରିଯିବେ।

## ସ୍ୱାମୀର ଦ୍ୱିତୀୟ ବିବାହକୁ ବନ୍ଦ କରାଇଲେ ପ୍ରଥମ ସ୍ତ୍ରୀ

# ଥାନାରେ ବିବାହ ବିଚ୍ଛେଦ କାଗଜପତ୍ର ଦାଖଲ କଲେ

**ପାଟଣାଗଡ଼, ୧।୨(ସମିସ):** ପାଟଣାଗଡ଼ ଥାନାଞ୍ଚଳରେ ଅଭାବନୀୟ ଘଟଣା ଘଟିଛି। ଜଣେ ବିବାହିତ ପୁରୁଷ ବିବାହ ଦ୍ୱିତୀୟ ବିବାହ କରୁଥିବା ବେଳେ ପ୍ରଥମ ସ୍ତ୍ରୀ ଦାବିକରି ଜଣେ ଯୁବତୀ ଘଟଣାସ୍ଥଳକୁ ପହଞ୍ଚିଥିଲେ। ପରେ ପୁଲିସ୍ ଘଟଣାସ୍ଥଳରେ ପରିସ୍ଥିତିକୁ ସ୍ୱାଭାବିକ କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ପାଟଣାଗଡ଼ ସାଲେପାଲି ଗାଁର ପ୍ରକାଶ ହରିପାଲ କୁତମୁଣ୍ଡା ଗାଁର ତପସ୍ୱିନୀ ନାଗଙ୍କୁ ସାମାଜିକ ରୀତିନୀତିରେ ବିବାହ କରୁଥିଲେ। ହସ୍ତ ବନ୍ଧନ ବେଳକୁ ହଠାତ ନିଜ ବାପା-ମା' ଏବଂ କିଛି ସମାଜସେବୀଙ୍କ ସହ ବାହାମଣ୍ଡପକୁ ପହଞ୍ଚିଥିଲେ ପ୍ରିୟମ୍ବଦା ବାଗ। ନିଜକୁ ପ୍ରକାଶର ସ୍ତ୍ରୀ ଦର୍ଶାଇଥିଲେ। ପୁଅଘର ଲୋକ ଏହାକୁ ପ୍ରତିବାଦ କରିବାରୁ ହୋ ହାଲ୍ଲା ହୋଇଥିଲା। ପରେ ପୁଲିସ ଏହାକୁ ନିୟନ୍ତ୍ରଣ କରିଥିଲା। ପ୍ରଥମ ସ୍ତ୍ରୀ କହୁଥିବା ପ୍ରିୟମ୍ବଦାଙ୍କ କହିବାନୁସାରେ, ଗତ ୨୦୧୫ ଏପ୍ରିଲ ୨୯ ତାରିଖରେ ସାମାଜିକ ରୀତିନୀତିରେ ପାଟଣାଗଡ଼ ଥାନା ସାଲେପାଲି ଗାଁର ପ୍ରକାଶ ହରିପାଲଙ୍କୁ ସେ ବିବାହ କରିଥିଲେ। ପ୍ରିୟମ୍ବଦା ବୁର୍ଲାର ହୋଇଥିବା ବେଳେ ପ୍ରକାଶ ମଧ୍ୟପ୍ରଦେଶର ମୋରବା ଥାନାଞ୍ଚଳରେ ଏକ କମ୍ପାନୀରେ ଚାକିରି କରୁଥିଲେ। ବିବାହ ପରେ ପ୍ରିୟମ୍ବଦାଙ୍କୁ ନେଇଥିଲା ପ୍ରକାଶ। ପ୍ରାୟ ଏକମାସ ଧରି ସେଠାରେ ରହିବା ପରେ ପ୍ରିୟମ୍ବଦାଙ୍କୁ ରାଉରକେଲା ବାପା-ମା'ଙ୍କ ପାଖକୁ ଆଣି ଛାଡି ଦେଇଥିଲା। ଏହାରି ଭିତରେ ଯୌତୁକ କଥା ଉଠାଇ ନିଜ ମା' ଘରେ ଆଣି ପ୍ରିୟମ୍ବଦାଙ୍କୁ ଛାଡ଼ି ଦିଆଯାଇଥିଲା। ପରେ ଉଭୟଙ୍କ ମଧ୍ୟରେ ଥିବା କଳହ କୋର୍ଟରେ ପହଞ୍ଚିଲା। ମାମଲା ବିଚାରାଧୀନ ଥିବା ବେଳେ କେମିତି ଦ୍ୱିତୀୟ ବିବାହ କରିଛି ସ୍ୱାମୀ ବୋଲି ଅଭିଯୋଗ ଆଣିଛନ୍ତି ପ୍ରିୟମ୍ବଦା। ପୁଅଘର ପକ୍ଷରୁ କିଛି ପ୍ରତିକ୍ରିୟା ମିଳିପାରି ନଥିବା ବେଳେ କୋର୍ଟ ପେପର ଥାନାରେ ଦାଖଲ କରାଯାଇଥିବା ପାଟଣାଗଡ଼ ଥାନାଧିକାରୀ ଅନ୍ତନ ପଧାନ ସୂଚନା ଦେଇଛନ୍ତି।



# ୩ ଅସହାୟ ଶିଶୁଙ୍କ ଦୁଃଖ ବୁଝିଲା ଚାରିଟେବଲ ଟ୍ରଷ୍ଟ

**ଭବାନୀପାଟଣା, ୧।୨(ସମିସ)**

କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଅଇଁଲାଭଟା ପଞ୍ଚାୟତ ବଣ ପାହାଡ଼ ଘେରା ଜଙ୍ଗଲ ଭିତରେ ଟୀଙ୍ଗପଖାନ ଗାଁ ଅବସ୍ଥିତ। ଏହି ଗାଁଟି ଜଙ୍ଗଲ ଭିତରେ ରହୁଥିବାରୁ ଅନେକ ଲୋକ ଜାଣିପାରନ୍ତି ନାହିଁ। ତଥାପି ସରକାରଙ୍କ ବିଭିନ୍ନ ଯୋଜନାରେ ଏହି ଗାଁର ଲୋକ ଲାଭ ପାଉଛନ୍ତି ଓ କିଛି ବଂଚିତ ଅଛନ୍ତି। ଏହି ଗାଁରେ ବିଭିନ୍ନ ବର୍ଗର ଲୋକେ ବସବାସ କରନ୍ତି। ସେ ଭିତରୁ ବୁଦ୍ଧୁ ଜାନି ଓ ତାଙ୍କର ସ୍ତ୍ରୀ ମଙ୍ଗଳ ଜାନି, ଦୁଇ ପୁଅ ଚିତ୍ର ଜାନି (୧୩), ସୂର୍ଯ୍ୟ ଜାନି (୯) ଓ ଏକମାତ୍ର ଝିଅ ସୁମିତ୍ରା ଜାନି (୭) କୁ ନେଇ ବେଶ ହସଖୁସିରେ ରହୁଥିବା ବେଳେ ବଡ଼ ଝିଅ ଚଞ୍ଚଳା ଜାନିଙ୍କୁ ପାବଳୀ ଗାଁରେ ବାହା ଦେଇଛନ୍ତି। ତେବେ ବୁଦ୍ଧୁ ମାତ୍ରାଧିକ ମଦ୍ୟପାନ କରି ସ୍ତ୍ରୀ ମଙ୍ଗଳକୁ ମାରି ଦେଇଥିଲେ। ପରବର୍ତ୍ତୀ ସମୟରେ ବୁଦ୍ଧୁ ଜାନିଙ୍କ ପିଲାମାନେ ମାତୃହରା ହୋଇପଡ଼ିଥିଲେ। ଭବିଷ୍ୟତ ଯେମିତି ସେମାନଙ୍କୁ ଅନ୍ଧାର ଆଡକୁ ଟାଣି ନେଉଥିଲା। ଠିକ ସେ ସମୟରେ ଖୁସି ଚାରିଟେବଲ ଟ୍ରଷ୍ଟ ସେହି ପରିବାର ନିକଟରେ ପହଂଚି ମା' ଛେଉଣ୍ଡ ଶିଶୁମାନଙ୍କର ଯନ୍ତ୍ରଣାକୁ ଉପଲବ୍ଧି କରି ସେମାନଙ୍କୁ ସମାଜର ମୁଖ୍ୟଧାରାରେ ପହଞ୍ଚାଇବାକୁ ସଂକଳ୍ପ ନେଇଥିଲା। ଗତ ନଭେମ୍ବର ୧୯ ତାରିଖ ଦିନ ବୁଦ୍ଧୁ ଜାନି କାମରୁ ଫେରି ମଦ୍ୟପାନ କରି ଘରକୁ ଆସିଥିଲେ। ମଦ୍ୟପାନ ନେଇ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଝଗଡ଼ା ହୋଇଥିଲା। ବୁଦ୍ଧୁ ରାଗରେ ବାଡେଇବାରୁ ମଙ୍ଗଳଙ୍କ ପ୍ରାଣବାୟୁ ଉଡି ଯାଇଥିଲା। ଏହି ଘଟଣାରେ ପୁଲିସ ବୁଦ୍ଧୁଙ୍କୁ କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ତିନି ପିଲା ନିଃସହାୟ ହୋଇ ବଡ଼ ଭଉଣୀ ଓ ଭେଣେଇଙ୍କ ପାଖରେ ଆଶ୍ରୟ ନେଇଛନ୍ତି। ବଡପୁଅ ଚିତ୍ର ପର ଘରେ ମୂଲ ଲାଗୁଛି। ସାନ ପୁଅ ସୂର୍ଯ୍ୟ ଓ ଝିଅ ସୁମିତ୍ରା ମଧ୍ୟ ଭଉଣୀଙ୍କ କାମରେ ସାହାଯ୍ୟ କରୁଛନ୍ତି। ସେମାନେ ଆଜି ପର୍ଯ୍ୟନ୍ତ ସ୍କୁଲର ଦୁଆର ମୁହଁ ମାଡି ନାହାନ୍ତି। ଖୁସି ଚାରିଟେବୁଲ ଟ୍ରଷ୍ଟର ସଭାପତି ତଥା ସମାଜସେବୀ ଯଶୋବନ୍ତ ରଣା ବଡ଼କରଲାକୋଟ ସରପଞ୍ଚ ପ୍ରତିନିଧି ବେଲଧର ନାଏକଙ୍କ ସହ ଆଜି ପାବଳୀ ଗାଁକୁ ଯାଇ ଶିଶୁ ମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ବିଷୟରେ ଟିକିନିଖି ପଚାରି ବୁଝିଥିଲେ। ଦୁଇ ଶିଶୁ ଆଗକୁ ପଢ଼ିବାର ଇଛା ଅଛି ହେଲେ ଆର୍ଥିକ ଅସୁବିଧା ହେଉଛି ମୁଖ୍ୟ କାରଣ ବୋଲି ପଡୋଶୀ କହିଛନ୍ତି। ଶିଶୁ ମାନେ କିପରି ଆଗକୁ ସରକାରଙ୍କ ସମସ୍ତ ସୁବିଧା ପାଇବେ ଓ କିପରି ପଢ଼ିପାରିବେ ସେ ନେଇ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରି ଆଲୋଚନା କରିବେ ବୋଲି ଶ୍ରୀ ରଣା ଶିଶୁ ମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସେମାନେ ଆଗକୁ କିପରି ପଢ଼ିପାରିବେ ସେନେଇ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ଗସ୍ତ ସମୟରେ ସ୍ୱେଚ୍ଛାସେବୀ ତୁଳାରାମ ରଣା, ଶିଶୁ ମାନଙ୍କ ଭଉଣୀ ଓ ପଡ଼ିଶା ଲୋକେ ଉପସ୍ଥିତ ଥିଲେ।



## ମା'କୁ ହତ୍ୟାକରି ବାପା ଜେଲ୍‌ରେ

## ଲକ୍ଷ୍ମୀ ବସ୍‌ରେ ନିଯୁକ୍ତି ନାଁରେ ଠକେଇ ଉଦ୍ୟମ

# ଅଭିଯୁକ୍ତକୁ ପୁଲିସ ଜିମାଦେଲେ ଲୋକେ

**ବଲାଙ୍ଗିର, ୧।୨(ସମିସ):** ଯାତ୍ରୀଙ୍କ ଯାତ୍ରା ସୁଗମ କରିବାକୁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ଲକ୍ଷ୍ମୀ ବସ। ମାତ୍ର କିଛି ଠକ ଏହି ବସର ନାଁ ନେଇ ଠକିବାକୁ ଉଦ୍ୟମ ଆରମ୍ଭ କରି ଦେଲେଣି। ଲକ୍ଷ୍ମୀ ବସରେ କଣ୍ଡକ୍ଟର ନିଯୁକ୍ତି ଦେବାକୁ କହି ଠକେଇ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ଜଣେ ଅଭିଯୁକ୍ତଙ୍କୁ ଧରିଛି ଟାଉନ ପୁଲିସ। ଘଟଣା ଘଟିଛି ବଲାଙ୍ଗିର ଜିଲ୍ଲାପାଳଙ୍କ ସରକାରୀ ବାସଭବନ ସମ୍ମୁଖରେ। ଗୁରୁବାର ମଧ୍ୟାହ୍ନ ସମୟରେ ସୁଦୂର ରାୟଗଡ଼ା ଅଞ୍ଚଳରୁ ଜଣେ ଯୁବକ ବଲାଙ୍ଗିରରେ ପହଞ୍ଚିଥିଲେ। ଲକ୍ଷ୍ମୀ ବସରେ ପିଲାମାନଙ୍କୁ କଣ୍ଟକ୍ଟର ନିଯୁକ୍ତି ଦେବେ ବୋଲି କହି ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ଼ ତଥା କଳାହାଣ୍ଡି, ଝାରସୁଗୁଡା, ବୌଦ୍ଧ ଭଳି ଜିଲ୍ଲାରୁ ପିଲାଙ୍କୁ ଡକାଇଥିଲା। ୨୫ ହଜାର ଟଙ୍କା ଦେଲେ ନିଯୁକ୍ତି ମିଳିବ ବୋଲି କହୁଥିଲା। ପରେ ବଲାଙ୍ଗିର ସହରର ଜଣେ ସଚେତନ ଯୁବକ ରାମପ୍ରସାଦ ବିଶି ଗଣମାଧ୍ୟମ ପ୍ରତିନିଧିଙ୍କୁ ଖବର ଦେଇଥିଲେ। ସଙ୍ଗେସଙ୍ଗେ ଗଣମାଧ୍ୟମ ପ୍ରତିନିଧିମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ କ୍ୟାମେରା ବୁମ ଦେଖି ଠକ ଜଣକ ଛିନଛତ୍ର ଦେଇଥିଲା। ତାକୁ ସାମ୍ବାଦିକମାନେ ଗୋଡାଇ ଗୋଡାଇ ଅଟକାଇଥିଲେ। ପରେ ଟାଉନ ପୁଲିସକୁ ଖବର ଦେବାରୁ ପୁଲିସ ପହଞ୍ଚି ତାକୁ ଥାନାକୁ ନେଇଥିଲା।



# ଦୁଇ କାନ୍ଥରେ ଫସିଗଲା ଶିଶୁର ମୁଣ୍ଡ

**ବଲାଙ୍ଗିର, ୧।୨(ସମିସ):** ଶିଶୁଟି ଘର ଅଗଣାରେ ଖେଳୁଥିଲା। ଖେଳୁଖେଳୁ ହଠାତ ଦୁଇ କାନ୍ଥ ମଝିରେ ଫସିଗଲା ଶିଶୁର ମୁଣ୍ଡ। ବହୁ ଚେଷ୍ଟା ପରେ ବି ବାହାରିଲାନି। ଶେଷରେ ଅଗ୍ନିଶମ ବିଭାଗର ନିକଟକୁ ଆସିଥିଲେ। ଶିଶୁଟିକୁ ବାହାରକୁ ଆଣିବାକୁ ଚେଷ୍ଟା କରିଥିଲେ ହେଲେ ତାହା ହୋଇ ନଥିଲା। ପରେ ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଶିଶୁଟିକୁ

## ଏକ ଘଣ୍ଟାର ପରିଶ୍ରମ ପରେ ଉଦ୍ଧାର

ଏକଘଣ୍ଟାର ପରିଶ୍ରମ ଫଳରେ ଶିଶୁଟିକୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି। ଏଭଳି ଏକ ଘଟଣା ଘଟିଛି ବଲାଙ୍ଗିର ସହରର ସାଲେପାଲିଠାରେ। ସୂଚନା ଅନୁସାରେ, ସାଲେପାଲି ବସ୍ତିର ରାଧାକାନ୍ତ ବାଗଙ୍କ ୫ ବର୍ଷର ପୁଅ ରେହାନ ବାଗ ଘର ଅଗଣାରେ ଖେଳୁଥିଲା। ଖେଳିଖେଳି ସେ ଦୁଇଟି କାନ୍ଥ ଲାଗିଥିବା ଭିତରକୁ ପଶିଥିଲା। ସେଠାରେ ମୁଣ୍ଡଟି ଫଶି ଯିବାରୁ କାନ୍ଦ ଶୁଣି ପରିବାର ଲୋକେ ସୁରକ୍ଷିତ ଭାବରେ ଉଦ୍ଧାର କରିବାକୁ କାମ ଆରମ୍ଭ କରିଥିଲା। ପ୍ରାୟ ଏକ ଘଣ୍ଟାର ପରିଶ୍ରମ ପରେ ଗୋଟିଏ ଘରର କାନ୍ଥକୁ ଫୋଡି ଶିଶୁଟିକୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି। ଶିଶୁଟିକୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ରେହାନର ପରିବାର ଲୋକେ ଅଗ୍ନିଶମ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି।



# ୩ରୁ ସୋନପୁରରୁ ରେଳ ଚଳାଚଳ

**ସୋନପୁର, ୧।୨(ସମିସ):** ଫେବୃଆରୀ ୩ ତାରିଖରେ ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗିର ରେଳ ଲାଇନ୍‌ରେ ଆଉ ଏକ ଫର୍ଦ୍ଦ ଯୋଡି ହେବ। ଝାରତରଭା-ସୋନପୁର(୨୧.୭) କିମି ନୂଆ ରେଳ ଲାଇନ୍ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବଲପୁରରେ ସବୁଜ ପତାକା ଦେଖାଇ ସୋନପୁର-ପୁରୀ ସାପ୍ତାହିକ ଟ୍ରେନ୍‌ର ଶୁଭାରମ୍ଭ କରିବେ। ଏହି ରେଳ ଲାଇନ୍ ଦ୍ୱାରା ଗମନାଗମନରେ ଉନ୍ନତି ଆସିବା ସହ ବହୁ ଗାଁ ସହର ସହ ଯୋଡିହେବ ବୋଲି ରେଳ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ସୋନପୁର-ପୁରୀ ମଧ୍ୟରେ ରେଳ ଚଳାଚଳ ଆରମ୍ଭ ହେବ ଜାଣି ଲୋକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ଉଦ୍‌ଘାଟନ ପୂର୍ବରୁ ପୂର୍ବତଟ ରେଳବାଇର ଏକ ଉଚ୍ଚସ୍ତରୀୟ ଟିମ୍ ସୋନପୁର ଷ୍ଟେସନ୍ ବୁଲି ଦେଖିଛନ୍ତି। ପୁଲିସ୍ ପ୍ରଶାସନ ପକ୍ଷରୁ ମଧ୍ୟ ତତ୍ପରତା ପ୍ରକାଶ ପାଇଛି। ଏଏସ୍‌ପି ହେମନ୍ତ ପାଢ଼ୀ, ସୋନପୁର ଆଇଆଇସି ପଦ୍ମସିନି ମେହେର ପ୍ରମୁଖ ଖମ୍ବେଶ୍ୱରୀପାଲି ଷ୍ଟେସନ୍‌ରେ ସ୍ଥିତିର ଅନୁଧ୍ୟାନ କରିଛନ୍ତି। ପ୍ରଧାନମନ୍ତ୍ରୀ ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସମ୍ବଲପୁରରୁ ଭିସି ମାଧ୍ୟମରେ ଏହି ରେଳ ଲାଇନ୍ ଲୋକାର୍ପଣ କରିବେ। ସୋନପୁର ଷ୍ଟେସନ୍‌ରେ ମଧ୍ୟ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହେବ।

# ଟ୍ରେଲର୍ ଚାପାରେ ନାବାଳିକାର ମୃତ୍ୟୁ

**ବଙ୍ଗୋମୁଣ୍ଡା, ୧।୨(ସମିସ):** ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକେଲା ଥାନା ଅନ୍ତର୍ଗତ ଶୁଣ୍ଡିମୁଣ୍ଡା ଗ୍ରାମର ଜଣେ ନାବାଳିକା (୭ ବର୍ଷ) ୧୬ ନଂ ରାଜପଥରେ ଏକ ଟ୍ରେଲର ଚାପାରେ ମୃତ୍ୟୁ ହୋଇଯାଇଛି। ନାବାଳିକାର ନାଁ ହେଉଛି ଦୀପାଳି ଗହିର। ଦିନ ପ୍ରାୟ ୧୦ ଘଣ୍ଟା ସମୟରେ ଗାଁର ମୁଖ୍ୟ ରାଜପଥ (୧୬) ରାସ୍ତା ପାରି ହେଉଥିବା ସମୟରେ ଖରିଆର ପଟୁ ଦ୍ରୁତ ଗତିରେ ଆସୁଥିବା ଟ୍ରେଲର ଚାପାରେ ଗୁରୁତର ହୋଇଥିଲା। ତାକୁ ପ୍ରଥମେ ସିନ୍ଧେକେଲା ସିଏଚସିକୁ ଚିକିତ୍ସା ପାଇଁ ନିଆଯାଇଥିଲା। ପରେ ଅବସ୍ଥା ସଂକଟାପନ୍ନ ହେବାରୁ ତାକୁ ରାୟପୁର ଡାକ୍ତରଖାନାକୁ ନିଆଯାଇଥିଲା। ପରେ ତାର ମୃତ୍ୟୁ ହୋଇଥିବା ଖବର ମିଳିଛି। ସୁବାସ ଗହିରଙ୍କ ଝିଅ ଦୀପାଳିଙ୍କ ଦୁର୍ଘଟଣା ପାଇଁ ଗାଁଲୋକେ ଭବାନୀପାଟଣା-ଖରିଆର ରାସ୍ତାକୁ ଅବରୋଧ କରିଥିଲେ। ଚିକିତ୍ସାର ସମସ୍ତ ଖର୍ଚ୍ଚ ବହନ କରିବାର ପ୍ରତିଶ୍ରୁତି ପାଇ ରାସ୍ତାରୁ ହଟିଥିଲେ। ପୁଲିସ ଘଟଣାସ୍ଥଳକୁ ଯାଇ ଅଧିକ ତଦନ୍ତ ଜାରି ରଖିଛି।



# ଟ୍ରାକ୍ଟର ଚୋରଦଳକୁ କାବୁକଲା ଖପ୍ରାଖୋଲ ପୁଲିସ; ପାଞ୍ଚ ଅଭିଯୁକ୍ତ କୋର୍ଟ ଚାଲାଣ

**ଖପ୍ରାଖୋଲ, ୧।୨(ସମିସ):** ବଲାଙ୍ଗିର ଜିଲ୍ଲା ଅଖପ୍ରାଖୋଲ ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ଟ୍ରାକ୍ଟର ଗାଡ଼ି ଚୋର ଗ୍ୟାଙ୍ଗକୁ

## ବୋଲେରୋ ପିକ୍‌ଅପ୍, ବାଇକ୍ ସହ ୪ ଟ୍ରାକ୍ଟର, ୧୦ ଗ୍ୟାସ୍ ସିଲିଣ୍ଡର ଉଦ୍ଧାର

କାବୁ କରିବାରେ ସଫଳ ହୋଇଛି ପୁଲିସ। ଏହି ଘଟଣାରେ ଚୋରି ହୋଇଥିବା ୪ଟି ଟ୍ରାକ୍ଟର ମଧ୍ୟ ଉଦ୍ଧାର କରାଯାଇଛି। ଏହାସହ ଗୋଟିଏ ଲେଖାଏଁ ବୋଲେରୋ ପିକ୍‌ଅପ୍ ଭ୍ୟାନ ଓ ମୋଟର ସାଇକଲ, ୧୦ଟି ଖାଲି ଗ୍ୟାସ୍ ସିଲିଣ୍ଡର ମଧ୍ୟ ଉଦ୍ଧାର ହୋଇଛି। ଏହି ମାମଲରେ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ବଲାଙ୍ଗିର ସଦର ଥାନା ଖୁଜେନପାଲି ଗାଁର ବ୍ରହ୍ମଚାରୀ ଶାନ୍ତନୁ (୩୧), ବଲାଙ୍ଗିର ଟାଉନ ଥାନା କାମାକ୍ଷାନଗରର ଅମିତ ବାଗ(୨୦), ଟାଉନ ଥାନା ସାଲେପାଲି ଗାଁର ପ୍ରିତମ୍ ଓରଫ୍ ସୋନୁ ଶର୍ମା (୨୦), ଲୋଇସିଂହା ଥାନା ରାନିପାଲି ଗାଁର ଶ୍ରୀକାନ୍ତ ସିକା (୧୯) ଓ ଲାଠୋର ଥାନା ମସିଣା ଗାଁର ରାଜେନ୍ଦ୍ର ମେହେର (୨୮)।

ଗତ ୨୯ ତାରିଖ ଖପ୍ରାଖୋଲ ଥାନା ବଜଲସାଗର ଗାଁର ହୃଦାନନ୍ଦ ସାହୁଙ୍କ ଏକ ଟ୍ରାକ୍ଟକୁ ଘର ସମ୍ମୁଖରେ ଉଠାଇ ନିଆଯାଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ତଦନ୍ତ ସମୟରେ ପୁଲିସ ଉକ୍ତ ଚୋରଦଳକୁ ପର୍ଦ୍ଦାଫାସ୍ କରିଛି। ଚୋରି ଟ୍ରାକ୍ଟରଟି ଛତିଶଗଡ଼ ରାଜ୍ୟ ରାୟପୁର ନିକଟରୁ ପୁଲିସ ଉଦ୍ଧାର କରିଥିବା ସହ ଅନ୍ୟ ତିନି ଟ୍ରାକ୍ଟର, ବୋଲେରୋ ପିକଅପ, ଗ୍ୟାସ ସିଲିଣ୍ଡର ଲାଠୋର ଥାନା ଅନ୍ତର୍ଗତ ମସିଣା ଗାଁରୁ ଉଦ୍ଧାର କରାଯାଇଛି। ପାଟଣାଗଡ ଏସଡିପିଓ ଜ୍ୟୋତିର୍ମୟ ଭୁକ୍ତା, ଖପ୍ରାଖୋଲ ଥାନାଧିକାରୀ ରମାକାନ୍ତ ସାହୁ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଥିଲେ। ତଦନ୍ତ ଟିମ୍ ରେ ଥାନାଧିକାରୀଙ୍କ ସହ ଏଏସଆଇ ଗୋପାଳକୃଷ୍ଣ କୁମୁରା, ଏଏସଆଇ ନବୀନ ଭୋଇ, ସିପାହୀ ସଞ୍ଜୀବ ସାହୁ, ଆକାଶ ନାଏକ, ଦେବବ୍ରତ ଦୀପ, ଚନ୍ଦ୍ରମଣି ଭୋଇ ପ୍ରମୁଖ ସାମିଲ ଥିଲେ। ଗୋଟିଏ ପଟେ ଖପ୍ରାଖୋଲ ଥାନାଧିକାରୀ ରମାକାନ୍ତ ସାହୁଙ୍କ ବଦଳିର ଶେଷ ଦିନ ଥିବା ବେଳେ ଏକ ବଡଧରଣର ରାକେଟ୍ ର ପରଦା ଉଠାଇଥିବାରୁ ଅଞ୍ଚଳର ବିଭିନ୍ନ ମହଲରୁ ତାଙ୍କ କାର୍ଯ୍ୟକୁ ସାଧୁବାଦ୍ ଦେଇଛନ୍ତି।



# ସରିଲା ସ୍କାଉଟ ଓ ଗାଇଡ୍ସ 'କେମ୍ପୋରି'

**ଖପ୍ରାଖୋଲ, ୧।୨(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଅନ୍ତର୍ଗତ ଲୁହାସିଂହା ସର୍ବୋଦୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ୩୧ତମ ସ୍କାଉଟ୍ ଓ ଗାଇଡ କେମ୍ପୋରି ଗୁରୁବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ ପାଟଣାଗଡ ବିଧାୟକ ସରୋଜ ମେହେର, ସମ୍ମାନିତ ଅତିଥି ରୂପେ ଲୁହାସିଂହା ବିଦ୍ୟାଳୟର ଅଧ୍ୟକ୍ଷ ରାଧାକାନ୍ତ ସୁଆର, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ପ୍ରଦୀପ ପାତ୍ର, ପୂର୍ବତନ ଶାରୀରିକ ଶିକ୍ଷାଧିକାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ସ୍କାଉଟ ଜିଲ୍ଲା ସାଂଗଠନିକ କମିଶନର ବିନୋଦ ମହାପାତ୍ର ତଥା ଗାଇଡ କମିଶନର ଜୟଶ୍ରୀ ପୋଡ଼, ଲୁହସିଂହା ସୀମାଞ୍ଚଳ ପୁରୋହିତ, କ୍ୟାମ୍ପ ନିରୀକ୍ଷକ ନୀଳମଣି ପଟେଲ ପ୍ରମୁଖ ଯୋଗଦେଇଥିଲେ। କଳିଙ୍ଗ ଅଗ୍ରଗାମୀ କଳାପରିଷଦ ପ୍ରାଙ୍ଗଣରେ ସ୍କାଉଟ ଗାଇଟଙ୍କ ଦ୍ୱାରା ବିଭିନ୍ନ ନୃତ୍ୟଗୀତ କାର୍ଯ୍ୟକ୍ରମ ଦ୍ୱାରା ଆୟୋଜନ କରାଯାଇଥିଲା। ବିଭିନ୍ନ ବିଭାଗରେ ଶ୍ରେଷ୍ଠ ସ୍କାଉଟ୍ ଗାଇଡ୍ ପୁରସ୍କୃତ ହୋଇଥିଲେ। ସ୍କାଉଟ ଉପଦେଷ୍ଟା ନୀଳାଞ୍ଚଳ ଚିର୍ଗୁନଙ୍କ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିବପ୍ରସାଦ ମେହେର, ଐଶ୍ୱର୍ଯ୍ୟ ଶେଖର ଦେବତା, ସୁଶାନ୍ତ ଦାଶ, ଗୌରାଙ୍ଗ ଚରଣ ଦାସ, ଅଜେୟ ଭୋଇ, ସମ୍ବିତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।




# ସାନ୍ଧୁଲ ବ୍ୟାରେଜରୁ ଉଦ୍ଧାର ହେଲେ ତେଲଙ୍ଗାନାର ୬ ଦାଦନ ଶ୍ରମିକ

**ମ.ରାମପୁର, ୧।୨(ସମିସ):** ତେଲେଙ୍ଗାନା ରାଜ୍ୟ ମେହବୁବନଗର ଜିଲ୍ଲାର ଶେଖପାଲେ ଓ ନେଇନାନପାଲି ଅଞ୍ଚଳରୁ ଆସି କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ଡୁଟା ଗ୍ରାମର ସାନ୍ଧୁଲ ବ୍ୟାରେଜରେ ଦାଦନ ଶ୍ରମିକ ଭାବରେ ୩-୪ ମାସ ହେବ କାମ କରୁଥିବା ୬ ଜଣ ଆଦିବାସୀ ସମ୍ପ୍ରଦାୟର ଶ୍ରମିକ (୪ ପୁରୁଷ ଓ ୨ ମହିଳା) କଳାହାଣ୍ଡି ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଫଳରେ ଉଦ୍ଧାର ପାଇ ନିଜ ଗାଁକୁ ଫେରି ପାଇଥିବା ଜଣାଯାଇଛି। ସେହି ଶ୍ରମିକମାନଙ୍କୁ ନିଜ ରାଜ୍ୟରେ କୌଣସି ଏକ ସ୍ଥାନରେ କାମ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇ ଦାଦନ ସରଦାର ଶ୍ରୀ ମାନ୍ୟମକୋଣ୍ଡା ଗତ ୪ ମାସ ତଳେ ଭୁଲାଇ ଆଣି ସାନ୍ଧୁଲ ବ୍ୟାରେଜରେ ଠିକାଦାର ପାଖରେ ଛାଡି ଦେଇଥିଲା। ସେମାନେ ସର୍ଦ୍ଦାରଠାରୁ ନେଇଥିବା ଋଣ ଶୁଝିବା ସହିତ ମାସକୁ ୬ ହଜାର ଟଙ୍କା ଲେଖାଏ ପାରିଶ୍ରମିକ ପାଇବେ ବୋଲି ପ୍ରତିଶ୍ରୁତି ପାଇଥିଲେ ମଧ୍ୟ କାମ କଲା ଦିନଠାରୁ ଟଙ୍କାଟିଏ ମଧ୍ୟ ପାଇ ନ ଥିବା ପ୍ରକାଶ କରିଛନ୍ତି। ଶ୍ରମିକମାନଙ୍କ ମଧ୍ୟରୁ ତିନି ଜଣ ଶ୍ରମିକ (ଦସ୍ତଗିରି, ଡି. କ୍ରିଷ୍ଣ ଓ ଡି. ରାମୁଲୁ କଳାହାଣ୍ଡିର ମାନବାଧିକାର କର୍ମୀ ଦିଲ୍ଲୀପ କୁମାର ଦାସ ଏବଂ ବଲାଙ୍ଗୀରର ଗୋତି ଶ୍ରମିକ ସଂଗଠନର କର୍ମକର୍ତ୍ତାମାନଙ୍କୁ ଯୋଗାଯୋଗ କରି ନିଜ ସମସ୍ୟା ବିଷୟରେ କହିଥିଲେ। ସେମାନେ ଆହୁରି ମଧ୍ୟ କହିଥିଲେ ଯେ ଠିକାଦାରଙ୍କ ଲୋକ ସେମାନଙ୍କୁ ସବୁବେଳେ ଜଗି ରହୁଛନ୍ତି। ଏବଂ କୌଣସି ସ୍ଥାନକୁ ଛାଡୁ ନାହାନ୍ତି, ତା ସହିତ ପାରିଶ୍ରମିକ ବାବଦକୁ ଚୁକ୍ତି କରିଥିବା ଅର୍ଥରୁ ଟଙ୍କାଟିଏ ମଧ୍ୟ ଦେଉନାହିଁ। ତେଣୁ ସେମାନେ ବହୁ କଷ୍ଟରେ ଜୀବନ ଯାପନ କରୁଛନ୍ତି। ସେମାନେ କାମ ଛାଡି ନିଜ ଗାଁକୁ ଫେରିଯିବାକୁ ଚାହିଁଲେ ବି ଠିକେଦାର ସେମାନଙ୍କୁ ଯିବାକୁ ଦେଉ ନ ଥିଲା। ସାମାଜିକ କର୍ମୀମାନେ ଏସବୁ ଅବଗତ ହେଲା ପରେ ୨୯ ଜାନୁଆରୀ ୨୦୨୪ରେ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ ଦାଖଲ କରିଥିଲେ ଓ ଶ୍ରମିକମାନଙ୍କ ଦୁର୍ଦ୍ଦଶା ବିଷୟରେ ଅବଗତ କରାଇଥିଲେ। ଏହାପରେ ଜିଲ୍ଲାପାଳ, ଶ୍ରମ ବିଭାଗ, ଜଳସମ୍ପଦ ବିଭାଗ ଓ ପଞ୍ଚାୟତିରାଜ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଏ ଦିଗରେ ପଦକ୍ଷେପ ନେଇ ଶ୍ରମିକମାନଙ୍କୁ ଉଦ୍ଧାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଶ୍ରମ ବିଭାଗ ଓ ପଞ୍ଚାୟତିରାଜ ବିଭାଗ ଅଧିକାରୀମାନେ ବିଭିନ୍ନ ଆଳ ଦେଖାଇ ବିଳମ୍ବ କରିଥିଲେ ମଧ୍ୟ ଜଳସମ୍ପଦ ବିଭାଗ ଅଧିକାରୀମାନେ ଶ୍ରମିକ ମାନଙ୍କୁ ଉଦ୍ଧାର କରି ନିଜ ନିଜ ଗାଁକୁ ପଠେଇ ଦେଇଛନ୍ତି।

## ଜିଲ୍ଲାପାଳଙ୍କ ହସ୍ତକ୍ଷେପ

**ହଟିବ ଜବରଦଖଲ**

# ପ୍ରଶସ୍ତ ହେବ ଲେଙ୍ଗୁ ମିଶ୍ର ଛକ-ଜୀରା ବ୍ରିଜ ରାସ୍ତା

**ବରଗଡ଼, ୧।୨(ସମିସ)**

ବରଗଡ଼ ସହରର ମୁଖ୍ୟରାସ୍ତା ଲେଙ୍ଗୁ ମିଶ୍ର ଛକରୁ ଜୀରା ବ୍ରିଜ ପର୍ଯ୍ୟନ୍ତ ରାସ୍ତାରୁ ଜବରଦଖଲ ହଟି ରାସ୍ତା ପ୍ରଶସ୍ତୀକରଣ ହେବ। ଲେଙ୍ଗୁ ମିଶ୍ର ଛକରୁ ଜୀରା ବ୍ରିଜ ପର୍ଯ୍ୟନ୍ତ ରାସ୍ତା ଜବରଦଖଲକାରୀଙ୍କ କବଜାରେ ରହିଥିବା ବେଳେ ରାସ୍ତାଟି ସଙ୍କୁଚିତ ହୋଇଯାଇଛି। ଯାହାକୁ ନେଇ ଗତ ବର୍ଷ ଜୁଲାଇରେ ପ୍ରଶାସନ ତରଫରୁ ଜବରଦଖଲକାରୀଙ୍କୁ ନୋଟିସ ଦିଆଯାଇ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଶାସନ ତରଫରୁ ସେ ସମୟରେ ବୁଲଡୋଜର ଲଗାଯାଇ ଦୁଇ ଦିନ ଧରି ଜବରଦଖଲ ଉଚ୍ଛେଦ କରାଯାଇଥିଲା। ମାତ୍ର ଜବରଦଖଲକାରୀମାନେ ଆଇନର ଆଶ୍ରୟ ନେବାରୁ ସେ ଦିନଠାରୁ ଉଚ୍ଛେଦ କାର୍ଯ୍ୟ ବନ୍ଦ ରହିଥିଲା। ତେବେ ବିଭିନ୍ନ ସମୟରେ ଏନେଇ ଶୁଣାଣି ହୋଇ ବର୍ତ୍ତମାନ ତାହା ପ୍ରଶାସନ ସପକ୍ଷରେ ରାୟ ପ୍ରକାଶ ପାଇଥିବା ସୂଚନା ମିଳିଛି। ହାଇକୋର୍ଟରେ ଏନେଇ ମାମଲା ଚାଲିଥିବା ବେଳେ ଗୁରୁବାର ହୋଇଥିବା ଶୁଣାଣିରେ ପ୍ରଶାସନ ସପକ୍ଷରେ ରାୟ ହୋଇଛି। ଯାହାକୁ ନେଇ ଲେଙ୍ଗୁ ମିଶ୍ର ଛକରୁ ଜୀରା ନଦୀ ପର୍ଯ୍ୟନ୍ତ ରାସ୍ତାରୁ ଜବରଦଖଲ ହଟିବା ସ୍ଥିର ହୋଇଯାଇଛି ଏବଂ ରାସ୍ତା ପ୍ରଶସ୍ତ ହେବା ନିଶ୍ଚିତ ହୋଇଯାଇଛି। ଏହି ଖବର ଜଣାପଡ଼ିବା ପରେ ବରଗଡ଼ ସହରରେ ଗୁରୁବାର ଲୋକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ବିଭିନ୍ନ ସ୍ଥାନରେ ଏନେଇ ବାଣ ଫୁଟାଇ ଯାଇ କୋର୍ଟର ରାୟକୁ ସ୍ୱାଗତ କରାଯାଇଛି।




ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଏହି ମୁଖ୍ୟରାସ୍ତା ଏକଦା ଜାତୀୟ ରାଜପଥ ଥିବା ସହ କୋଲକୋତାରୁ ମୁମ୍ବାଇକୁ ସଂଯୋଗ କରୁଥିଲା। ତେବେ ବରଗଡ଼ ସହରର ଜନସଂଖ୍ୟା ବୃଦ୍ଧି ସହ ବାଇପାସ ରାସ୍ତା ସହର ବାହାରେ ନିର୍ମାଣ କରାଯାଇଥିଲା। ଯାହାକୁ ନେଇ କିଛି ବ୍ୟକ୍ତିବିଶେଷ ତଥା ବ୍ୟବସାୟୀ ରାସ୍ତାକୁ ଅତିକ୍ରମଣ କରି ଜବରଦଖଲ କରିଥିବା ଅଭିଯୋଗ ହୋଇଥିଲା। ଫଳରେ ରାସ୍ତାଟି ଅତି ସଙ୍କୁଚିତ ହୋଇ ପଡ଼ିବା ସହ ଟ୍ରାଫିକ ସମସ୍ୟା ନିତିଦିନିଆରେ ପରିଣତ ହୋଇଥିଲା। ଯାହାକୁ ନେଇ ବିଗତ ଦିନରେ ବିଭିନ୍ନ ସଂଗଠନ ତରଫରୁ ଜବରଦଖଲ ହଟାଇ ରାସ୍ତା ପ୍ରଶସ୍ତୀକରଣ ନେଇ ଦାବି ହୋଇ ଆସୁଛି।

**ବଜେଟ୍ ପ୍ରତିକ୍ରିୟା..**

## ଚାଷୀ ଜବାବ ଦେବେ

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଆଶା କରାଉଥିଲା ଯେ ଏହି ବଜେଟରେ କୃଷକଙ୍କ ପାଇଁ କିଛି ଘୋଷଣା କରାଯିବ ବୋଲି; ହେଲେ ଏହି ବଜେଟ ଅଗଣିତ କୃଷକଙ୍କୁ ନିରାଶ କରିଛି। ସ୍ୱାମିନାଥନ୍ କମିସନ୍ ର ସୁପାରିଶକ୍ରମେ ଉତ୍ପାଦନ ଖର୍ଚ୍ଚର ଦେଢଗୁଣ ହେବାର ଘୋଷଣା ମଧ୍ୟ ହେଲା ନାହିଁ। ଧାନ ଏବଂ ଗହମର ସର୍ବନିମ୍ନ ସହାୟକ ଦର ବୃଦ୍ଧି ମଧ୍ୟ କରାଗଲା ନାହିଁ। ଋଣଛାଡ଼ ବିଷୟରେ ମଧ୍ୟ କୌଣସି ବ୍ୟବସ୍ଥା ଏହି ବଜେଟରେ ନାହିଁ। ଦରଦାମ ବୃଦ୍ଧିକୁ ରୋକିବାର ମଧ୍ୟ କୌଣସି ଉଲ୍ଲେଖ ନାହିଁ। ସରକାର ଭାବୁଛନ୍ତି ଯେ 'ରାମ' ନାଁରେ ନିର୍ବାଚନ ବୈତରଣୀ ପାର ହୋଇଯିବେ। ସାଧାରଣ କରିବ ଖଟିଖିଆ, କୃଷକଙ୍କ ପାଇଁ କିଛି ନକଲେ ମଧ୍ୟ ଲୋକେ ଭୋଟ ଦେଇଦେବେ କିନ୍ତୁ ଏହା ସରକାରଙ୍କ ଭ୍ରମ। ୨୦୨୪ ସାଧାରଣ ନିର୍ବାଚନରେ ସାଧାରଣ ଜନତା ଚାଷୀ ଶ୍ରେଣୀ ଉଚିତ ଜବାବ ଦେବେ।



**ଲିଙ୍ଗରାଜ, ଆବାହକ, ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତି**

ସରକାରୀ କର୍ମଚାରୀ ମାନଙ୍କର ଆୟକର ସ୍ଲାବରେ କୌଣସି ପରିବର୍ତ୍ତନ କରଯାଇ ନାହିଁ। ଯୁବକ ମାନଙ୍କର କର୍ମନିଯୁକ୍ତି ପାଇଁ କିଛି ଠୋସ୍ ପଦକ୍ଷେପ ନେଇନାହାନ୍ତି। ନରେଗା ଏବଂ ବିଭିନ୍ନ ସରକାରଙ୍କର ପ୍ରୋଗ୍ରମରେ ଜିଡିପିର ନ୍ୟୁନ ଅଂଶ ବିନିଯୋଗ କରାଯାଇଛି। ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗେସ୍ ଯାହାକି ଅତିଦରକାରୀ ଦ୍ରବ୍ୟରେ କିଛି ରିଆତି କରାଯାଇ ନାହିଁ। ମୋଟା ମୋଟି କହିବାକୁ ଗଲେ ଏହା ଏକ ନୈରାଶ୍ୟ ଜନକ ବଜେଟ୍।



**ଡ. ବିରଞ୍ଚି ସାହୁ, ପ୍ରାଧ୍ୟାପକ ଅର୍ଥନୀତି ବିଭାଗ, ଅଞ୍ଚଳ ମହାବିଦ୍ୟାଳୟ, ପଦ୍ମପୁର**

## ମହିଳାଙ୍କ ବେକରୁ ଝାମ୍ପିନେଲେ ସୁନା ଚେନ୍

**ବରଗଡ଼, ୧।୨(ସମିସ):** ବରଗଡ଼ ସହରରେ ପୁଣି ଲୁଟେରାଙ୍କ ଦୌରାତ୍ମ୍ୟ। ସହରର ଜନଗହଳିପୂର୍ଣ୍ଣ ଗଙ୍ଗାଧର ନଗରସ୍ଥିତ ମିଳନ ମଣ୍ଡପ ସମ୍ମୁଖରୁ ସ୍ୱଷ୍ଟ ଦିବାଲୋକରେ ଜଣେ ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପି ନେବା ସହ ପୁଲିସକୁ ଲୁଟେରାମାନେ ଖୋଲା ଚେଲେଞ୍ଜ ଦେଇଛନ୍ତି। ଅପରାହ୍ନ ପ୍ରାୟ ୩ଟା ସମୟରେ ଲୁଟେରାମାନେ ଏକ ମୋଟର ସାଇକଲରେ ଆସି ଉକ୍ତ ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇ ଗୋବିନ୍ଦପାଲି ରାସ୍ତାରେ ଦ୍ରୁତଗତିରେ ଚାଲି ଯାଇଥିଲେ। ଏନେଇ ମହିଳାଙ୍କ ସ୍ୱାମୀ ବରଗଡ଼ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ଦିନ ଦିପହରରେ ଲୁଟ, ଛିନତାଇ ବଢ଼ି ବଢ଼ି ଚାଲିଛି। ସହରରେ ପୁଲିସ ପ୍ରଶାସନ ପ୍ରତି ଲୋକଙ୍କ ଆସ୍ଥା କମିବାରେ ଲାଗୁଛି। ଉଚ୍ଚ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନେବା ସହ ଲୁଟେରାଙ୍କୁ କାବୁ କରିବା ଜରୁରୀ ହୋଇପଡ଼ିଛି ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ୩ ଜୁଆଡ଼ି ଗିରଫ

**ପଦ୍ମପୁର, ୧।୨ (ସମିସ):** ପଦ୍ମପୁର ଉପଖଣ୍ଡ କୁଚିପାଲି ଗ୍ରାମରେ ଜୁଆ ଖେଳ ଚାଲିଥିଲା। ଖବର ପାଇ ପାଟ୍ରୋଲିଂ ଡ୍ୟୁଟିରେ ଥିବା ଏଏସଆଇ ଶ୍ରଦ୍ଧାକର କନ୍ଧ ଓ ସହକର୍ମୀ ଘଟଣାସ୍ଥଳକୁ ପହଞ୍ଚିଥିଲେ। ଜୁଆ ଖେଳାଉଥିବା ଜଟଣୀ ଥାନା ମୁରଡିଆ ସାହିର ସେକ ସଲମନ, ବରପାଲି ଥାନା ଧଉରାଖେଣ୍ଡ୍ରା ଗ୍ରାମର ସୁକେଶ ମହାନନ୍ଦ, ମେଲଛାମୁଣ୍ଡା ଥାନା ପଣ୍ଡ୍ରକିପାଲି ଗ୍ରାମର ଆନନ୍ଦ ସାହୁକୁ ଧରିଥିଲେ। ନଗଦ ୨ହଜାର ୯ଶହ ଟଙ୍କା, ଲକ୍କି ୭ ଡଟ ବୋର୍ଡ, ଗୋଟିଏ ବେନର, ୪ଟି ତୀର ଜବତ କରିବା ସହ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

## ଗାଇସିଲେଟରେ ଜିଲ୍ଲାସ୍ତରୀୟ ଯାଦବ ମହାସଭା

**ଗାଇସିଲେଟ, ୧।୨(ସମିସ):** ଯଗାଇସିଲେଟ ସାପ୍ତାହିକ ବଜାର ପାଖରେ ଥିବା କଲ୍ୟାଣ ମଣ୍ଡପରେ ଜିଲ୍ଲା ସଭାପତି ରାଜୁ ଘିବେଲାଙ୍କ ସଭାପତିତ୍ୱରେ ବରଗଡ ଜିଲ୍ଲା ଯାଦବ ସାଂସ୍କୃତିକ ସମାଜର ଜିଲ୍ଲାସ୍ତରୀୟ ଯାଦବ ମହାସଭା ଅନୁଷ୍ଠିତ ହୋଇଥିଲା। ମାଁ ସମଲେଶ୍ୱରୀ ଓ ଭଗବାନ ଶ୍ରୀକୃଷ୍ଣଙ୍କ ପୂଜା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାରେ ବରଗଡ ଜିଲ୍ଲା କମିଟିର ନୀତିନିୟମ ସଭାପତି ଅମୃତଲାଲ ବନଛୋର, ସାଧାରଣ ସଂପାଦକ ରାମନାରାୟଣ ଭୋଇ, କୈଲାସ ପୁଞ୍ଜି, ପ୍ରଦୀପ ଥପା, ନିଲାସର ମଲ୍ଲିକ, ଗୋବିନ୍ଦ ଯୁଆଡି, ରାଧେ ପୋଢ,ପ୍ରଦୀପ ଥପା,ପିତବାସ ବେହେରା, ଗାଇସିଲେଟ ବ୍ଲକ ସଭାପତି ସପ୍ତସିନ୍ଧୁ ବଗର୍ତ୍ତି, ସଂପାଦକ ଛେଲିଆ ପୋଢ, ଉପସଭାପତି ଚନ୍ଦ୍ରମଣି ଷାଣ, ମାନସିଂ ମହାକୁର, ମାର୍ଗଶିର ଭୋଇ, ଜଟାୟୁ ବଗର୍ଷି, କପିଳେଶ୍ୱର ନାଗ, ପଦ୍ମପୁର ଉପଖଣ୍ଡ ସଭାପତି କେଶବ ଜାଲ, ସଂପାଦକ ଓମପ୍ରକାଶ ଭୋଇ, ଝସକେତନ ବଗର୍ଷି, ମାଲିକ ଭୋଇ, ମନବୋଧ ବନଛୋର, ଧୃବଚରଣ ହାତି, ଶ୍ରୀନିବାସ ବାଗ, ତୁଲାରାମ ପାଣ୍ଡେ, ପୂର୍ଣ୍ଣଚନ୍ଦ୍ର ମହାକୁର, ଉପେନ୍ଦ୍ର ବାଗ, କଂଗ୍ରେସ ହଂସ, ଗାଇସିଲାଟ ବ୍ଲକ ଯାଦବ ସମାଜର ମହିଳା ନେତ୍ରୀ ପଦ୍ମିନୀ ନାଗ, ଉର୍ବଶୀ ପୋଢ, ଶୁଭ୍ରକାନ୍ତ ରାଉତ ବିଭିନ୍ନ ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ଯଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବରଗଡ ଜିଲ୍ଲା ଯାଦବ ସାଂସ୍କୃତିକ ସମାଜର ସମସ୍ତ ବ୍ଲକସ୍ତରୀୟ କମିଟି ସଦସ୍ୟ ଓ ଗାଇସିଲେଟ ବ୍ଲକ ଯାଦବ ସମାଜର ସମସ୍ତ ପଞ୍ଚାୟତ କମିଟି ସଦସ୍ୟ ଉପସ୍ଥିତ ଥିଲେ। ଲକ୍ଷ୍ମଣ ଯୁଆଡି, ଫଗୁନୁ ଚରଣ ବାଗ, ଜଳନ୍ଧର ବାଗ, ସାନନ୍ଦ ଭୋଇ, ସଞ୍ଜୀବ ବଗର୍ଷି, ଦୁର୍ଯ୍ୟୋଧନ ମନହିରା, ସୁବଳ ବଗର୍ତ୍ତି ଯସହଯୋଗ କରିଥିଲେ।



## କୁଷ୍ଠ କଲୋନୀ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା

**ପଦ୍ମପୁର, ୧।୨ (ସମିସ):** କୁଷ୍ଠ ନିରାକରଣ ପାଇଁ ଉପଯୁକ୍ତ ଚିକିତ୍ସା ଓ ଥଇଥାନ ସହ ନିରାପତ୍ତା ସଂପର୍କରେ ବିଷଦ ଆଲୋଚନା ହୋଇଥିଲା। କୁଷ୍ଠ ନିରାକରଣର ନୋଡାଲ ଅଫିସର ଡା. ଲୋକପାଳ ଭୋଇ, ଶିବପ୍ରସାଦ ବେହେରା, ଜମଲା ପିଏଚଇଓ ପ୍ରଫୁଲ୍ଲ ମେହେର, ଡାକ୍ତର ସନ୍ଦୀପ ମିଶ୍ର, ସମାଜସେବୀ ନିରୋଜ ଦୋରା କୁଷ୍ଠ ରୋଗର କାରଣ ଓ ଉପଯୁକ୍ତ ଚିକିତ୍ସା ଦ୍ୱାରା ନିରାକରଣ ଉପରେ ଆଲୋକପାତ କରିଥିଲେ। କୁଷ୍ଠ କଲୋନୀର ଅନ୍ତେବାସୀଙ୍କ ଦ୍ୱାରା ପ୍ରସ୍ତୁତ ଝୋଟି, ରଙ୍ଗୋଲୀ ପ୍ରଭୃତି କାର୍ଯ୍ୟକ୍ରମକୁ ଅତିଥିମାନେ ପ୍ରଶଂସା କରିଥିଲେ। ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବିତରଣ କରାଯାଇଥିଲା। ଏନଏସିର ଅବିନାଶ ବହିଦାର, ସୁଲେଖା ପଣ୍ଡିତ ଓ ଏସଏଚଜିର ସଦସ୍ୟା ଯୋଗଦାନ କରିଥିଲେ। ସିଇଓ ଛନ୍ଦାମିତ୍ର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଭଟଲି, ୧।୨(ସମିସ):** ଭଟଲି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ବିଇଓ ଶ୍ରୀ ସରୋଜ ଭୁଏଙ୍କ ଅଧ୍ୟକ୍ଷତାରେ ଏବିଇଓ ଜାରା ବାରିକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସମସ୍ତ ସିଆରସିସି ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟାଳୟର ପ୍ରକାଶଚନ୍ଦ୍ର ସାହୁ, ମିତ୍ରଭାନୁ ସାହୁ ଲୋକନାଥ ମେହେର ପ୍ରମୁଖ ଶ୍ରୀ ବାରିକଙ୍କ ଗୁଣଗାନ କରିଥିଲେ। ସିଆରସିସି ସୁଶାନ୍ତ ସୁନା ସ୍ୱାଗତ ଭାଷଣ ଦେଇଥିଲେ। ବୈରାଗୀ ସାହୁ ଧନ୍ୟବାଦ ଦେଇଥିଲେ। ପ୍ରଧାନଶିକ୍ଷକ ଗଜେନ୍ଦ୍ର ଦାଶ, ଦେବାନନ୍ଦ ବିଶି, ଲାବଣ୍ୟବତୀ ସାହୁ, ଅଶୋକ ତନସନା, ଶ୍ରବଣ ସାହୁ, ମନସୀ ପାତ୍ର, ସହଦେବ ପଧାନ, ଯୋଗେଶ୍ୱର ପଧାନଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



## ପାହାଡ଼ଶ୍ରୀଗିଡା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା

**ବରଗଡ଼, ୧।୨(ସମିସ):** ଅତାବିରା ବ୍ଲକ ଅନ୍ତର୍ଗତ ପାହାଡଶ୍ରୀଗିଡାଠାରେ ନବନିର୍ମିତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଗୁରୁବାର ଉଦଯାପିତ ହୋଇଯାଇଛି। ଗତ ରବିବାରରୁ ଆରମ୍ଭ ହୋଇଥିବା ଏହି ମନ୍ଦିର ପ୍ରତିଷ୍ଠା ମହୋତ୍ସବରେ ପ୍ରତ୍ୟହ ହୋମଯଜ୍ଞ ସହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହିକ୍ରମରେ କମିଟିର ସଭାପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜିତେନ୍ଦ୍ରୀୟ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତାବିରା ତହସିଲଦାର ରାଜକିଶୋର ସାହୁ, ଅତାବିରା ଅଞ୍ଚଳର ସମାଜସେବୀ ତଥା ମାହେଶ୍ୱରୀ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ଫକୀର କର୍ଣ୍ଣ ଓ ଡାଇରେକ୍ଟ ସନ୍ତୋଷିନୀ କର୍ଣ୍ଣ ଅତିଥିଭାବେ ଯୋଗ ଦେଇଥିଲେ। ସମାଜସେବୀ ଫକୀର କର୍ଣ୍ଣ ପାହାଡ଼ଶ୍ରୀଗିଡା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସକାଶେ ୧ ଲକ୍ଷ ଟଙ୍କା ସହଯୋଗ ପ୍ରଦାନ କରିଥିଲେ। ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରତ୍ୟହ ପ୍ରବଳ ଜନସମାଗମ ହୋଇଥିଲା ବେଳେ ମନ୍ଦିର କମିଟି ତରଫରୁ ଶ୍ରଦ୍ଧାଳୁଙ୍କୁ ଅନ୍ନଭୋଗ ବଣ୍ଟନ କରାଯାଇଥିଲା।

**ସହଯୋଗ କଲେ ସମାଜସେବୀ ଫକୀର କର୍ଣ୍ଣ**



## ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ସମାରୋହ ସମ୍ପନ୍ନ

**ବରଗଡ଼, ୧।୨(ସମିସ):** ବରଗଡ଼ ସହରର ଭାରତୀ ନଗରରେ ରାଧାକୃଷ୍ଣଙ୍କ ନବନିର୍ମିତ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ସମାପନ ହୋଇଯାଇଛି। ସୋମବାର ଠାରୁ ଆରମ୍ଭ ହୋଇଥିବା ମନ୍ଦିର ପ୍ରତିଷ୍ଠା ମହୋତ୍ସବର ଅନ୍ତିମ ଦିବସରେ ଆଜି ଗୋପାଳ ସହସ୍ର ନାମ, ଯଜ୍ଞ, ବିଗ୍ରହ ସ୍ଥାପନ ତଥା ପୂର୍ଣ୍ଣାହୂତି ଅନୁଷ୍ଠିତ ହୋଇଥିଲା। ପଣ୍ଡିତ କୁଳମଣୀ ମହାପାତ୍ର ଏବଂ ପତ୍ନୀ ଯଶୋବନ୍ତି ମହାପାତ୍ର, କୁଶ ପ୍ରଧାନ ଏବଂ ପତ୍ନୀ ହରିପ୍ରିୟା ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ହିମାଂଶୁ ଶେଖର ରଥ, ଶିବଶଙ୍କର ଦାଶ, ପ୍ରିୟବ୍ରତ କର, ଶୁଭ୍ରାଂଶୁ ମିଶ୍ର, ସିଦ୍ଧେଶ୍ୱର ସାବର, ନିଖିଲ କାହ୍ନା ଦାଶଙ୍କ ସମେତ ୧୬ ଜଣ ପଣ୍ଡିତ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟରେ ସାମିଲ ହୋଇ ରାଧାକୃଷ୍ଣଙ୍କ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଥିଲେ। ଏ ଅବସରରେ ପ୍ରତ୍ୟହ ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।



## ସନ୍‌ରାଇଜ କପ୍ କ୍ରିକେଟ: ମେଲଛାମୁଣ୍ଡା ସେମିରେ

**ପଦ୍ମପୁର, ୧।୨(ସମିସ):** ଜମଲାଠାରେ ୨୪ତମ ସନରାଇଜ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ୪ଟି ଦଳ ଭାଗ ନେଇଥିଲେ। ସେଥିମଧ୍ୟରୁ ମେଲଛାମୁଣ୍ଡା ଦଳ କ୍ୱାର୍ଟର ଫାଇନାଲରେ ବବଜା ଦଳକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମ୍ୟାଚ ପରେ ଅନୁଷ୍ଠିତ ପୁରସ୍କାର ପ୍ରଦାନ ଉତ୍ସବରେ ଅଧ୍ୟାପକ ଶ୍ୟାମବନ୍ଧୁ ବେହେରା ଅତିଥି ରୂପେ ମେଲଛାମୁଣ୍ଡା ଦଳର ରାକେଶଙ୍କୁ ମେନ ଅଫ ଦି ମ୍ୟାଚ ପ୍ରଦାନ କରିଥିଲେ। ମ୍ୟାଚରେ ହନୁ, ରାଜୀବ, କୃପା, ଆଦର୍ଶ, ବିକାଶ ଅମ୍ପାୟାରିଂ ଏବଂ ପ୍ରିୟବ୍ରତ ଓ ପ୍ରଦୀପ ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ। ରୂପକ, ଶ୍ୟାମବନ୍ଧୁ ଓ ଆନନ୍ଦ ଧାରା ବିବରଣୀ ପ୍ରଦାନ କରିଥିଲେ। ସନରାଇଜ କ୍ଲବର ରାହୁଲ, ଜୁବଲୁ, ରିଷି, ଭାଗ୍ୟବାନ ଓ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

# ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା ନବୀନ ଓଡିଶା' ସଚେତନତା





**ଭଟଲି/ଥୁଆପାଲି, ୧।୨(ସମିସ)**

ଭଟଲି ବ୍ଲକ କେଲେଣ୍ଡାପାଲି ପଞ୍ଚାୟତରେ 'ଆମ ଓଡିଶା ନବୀନ ଓଡିଶା' ସଚେତନତା କାର୍ଯ୍ୟକ୍ରମ ବାଗମୁଡାସ୍ଥିତ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଉମେଶ ସେଠଙ୍କ ସଂଯୋଜନାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥି ଭାବେ ଭଟଲି ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପଧାନ, ସମ୍ମାନିତ ଅତିଥିଭାବେ ସରପଞ୍ଚ ସୁବ୍ରତ ବାଗ, ଜିଲ୍ଲା ପରିଷଦ ସଦସ୍ୟ ଇଶ୍ୱରଚନ୍ଦ୍ର ସାହୁ ତଥା ସଦସ୍ୟା ଭାରତୀ ଭୁଏ, ସରୋଜ ସାହୁ, ହେମନ୍ତ ପଣ୍ଡା, ସୁବ୍ରତ ସିଂ, ମନୋଜ ପଧାନ ଯୋଗ ଦେଇଥିଲେ।

ଭେଡେନ ବ୍ଲକ ଦେଶଭଟଲି ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମକୁ ପିଇଓ ରତ୍ନମଣି ତାଣ୍ଡିଆ ସଂଯୋଜନା କରିଥିବା ବେଳେ ସଭାପତିତ୍ୱ କରିଥିଲେ ସରପଞ୍ଚ ତୋଷବନ୍ତ ସାହୁ। ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା ବିଜୁ ଜନତା ଦଳର ସଭାନେତ୍ରୀ ତଥା ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ସମ୍ମାନିତ ଅତିଥି ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଳାମଣି କ୍ଷେତି, ଜିଲ୍ଲା ପରିଷଦ ସଭ୍ୟ ସତ୍ୟଜିତ ପୁରୋହିତ, ସଭ୍ୟା ପିଙ୍କି ବଡ଼େଇ, ବିଡିଓ ପ୍ରିତେଶ ଦୋରା, ଲୁପୁରସିଂହା ସରପଞ୍ଚ ପ୍ରତାପ ହୋତା, ରୁଷୁଡା ସରପଞ୍ଚ ତଥା ରୁଷୁଡା ପାକ୍ସ ସଭାପତି ସୁରେନ୍ଦ୍ର କର୍ମୀ, ଭେଡେନ ପାକ୍ସ ସଭାପତି ହରିଶଙ୍କର ବେହେରା, ଚିଚିଣ୍ଡା ସରପଞ୍ଚ ସୀମା ମେହେର ଯୋଗ ଦେଇଥିଲେ।



ବରପାଲି ବ୍ଲକ ଆଗଲପୁର ପଞ୍ଚାୟତସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ପୂର୍ବତନ ସାଂସଦ ଡ.ପ୍ରଭାସ ସିଂ ଯୋଗ ଦେଇଥିଲେ। ସରପଞ୍ଚ ରିଙ୍କି ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ବିଡିଓ ପ୍ରସନ୍ନ ପାଣ୍ଡେ, ସମାଜସେବୀ ଥବିର ମେହେର, ଜିଲ୍ଲା ପରିଷଦ ଅନନ୍ତ ସେଠ, ଲାଲ ବିକ୍ରମ ସିଂଦେଓ, ଏଇଇ ଅରୁଣ ମହାପାତ୍ର, କେଶବ ରାଉତ ରକ୍ସା ସରପଞ୍ଚ, ଦୀପକ ଧାନୁକା, ଗଁତିଆ ନୃପରାଜ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପିଇଓ ମନୋଜ ଅଦାବର, ଅଧ୍ୟାପକ ଜଗଦିଶ ଭୋଇ ପରିଚାଳନା କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ବୟନଶିଳ୍ପ ମନ୍ତ୍ରୀ ରିତା ସାହୁ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସୂଚନା ଦେଇଥିଲେ। ପଞ୍ଚାୟତ କର୍ମଚାରୀ ସହକର୍ମୀ, ଅଙ୍ଗନବାଡ଼ି କର୍ମୀ, ଆଶା ଦିଦି, ଜିଆରଏସ ଲକ୍ଷ୍ମୀନାରାୟଣ ବେହେରା, ମୁରଲୀ ବଗର୍ତି, ନାଏବ ସରପଞ୍ଚ ତଥା ୱାର୍ଡସଭ୍ୟ ସହଯୋଗ କରିଥିଲେ।

## ‘ଆମ ଓଡ଼ିଶା ନବୀନ ଓଡ଼ିଶା’ର ସଚେତନତା ଶିବିର

# ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତା ରହିଛି: ବିଧାୟକ





**ବ୍ରଜରାଜନଗର, ୧୨(ସମିସ)**

ବ୍ରଜରାଜନଗର ପୌର ପରିଷଦ ଅନ୍ତର୍ଗତ ଖଲିଆକାନି ମକରମେଳା ପଡ଼ିଆରେ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ର ସଚେତନତା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ଓଡ଼ିଶା ସରକାରଙ୍କ ଯୋଜନା ବିଷୟରେ ଅବଗତ କରାଇବା ସହ ବିକାଶ ପାଇଁ ପ୍ରତିବଦ୍ଧତା ରହିଛି ବୋଲି କହିଛନ୍ତି। ଏହି ଅବସରରେ ବ୍ରଜରାଜନଗର ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ପୌରାଧ୍ୟକ୍ଷା ଯାଜ୍ଞସେନୀ ଓରାମ, ଉପନଗରପାଳ ଗୋପାଳ ସିତାନୀ, କାଉନସିଲର ପ୍ରଭାତି ଗଡ଼ନାୟକ, ରୁଦ୍ରନାରାୟଣ ଭୋଇ, ଗିରୀଶ ତନସେନା, ଛାତ୍ର ସଭାପତି ଲଳିତ ତନ୍ତୀ, କୁଳମଣୀ ଦାସ, ବିଜୟ ପାଣି, ଶେଷଦେବ ସାହୁ, ରାମ ନାରାୟଣ ରାଏ, ଗୋବିନ୍ଦ ଚରଣ ସାହୁ, ସାଧନା ସାମନ୍ତରାଏ, ସୁଜାତା ଜେନା, ମନୋରମା ସାହୁ, ମୀକି ନାଏକ, ଆନନ୍ଦ ବେହେରା, ସୁରଜ କଣ୍ଟା, ଇର୍ଫାନ ସେଖ, ରଞ୍ଜନ ଭିଶର, ସରୋଜ ସାହା, କୃଷ୍ଣଚନ୍ଦ୍ର ତ୍ରିପାଠୀ ତଥା ମିଶନ ଶକ୍ତି ମାଆମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୯ ଲକ୍ଷ ଅଟକଳ ବ୍ୟୟରେ ମାମା ଛକ ଠାରୁ ଇଟାଭଟା ପର୍ଯ୍ୟନ୍ତ ସିମେଣ୍ଟ କଂକ୍ରିଟ ରୋଡର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ, ମାଇକ୍ରୋ କମ୍ପୋଷ୍ଟ କେନ୍ଦ୍ର ଓ ମେଟେରିଆଲ ରିକଭରୀ ଫେସିଲିଟୀ ଏବଂ ଶ୍ମଶାନର ଉନ୍ନତିକରଣ ଅଟକଳ ରାଶି ୩ କୋଟି ୪୦ଲକ୍ଷ ୫୧ ହଜାର ଟଙ୍କାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ରଜରାଜନଗର ପୌରାଞ୍ଚଳର ଅନେକ ଜନସାଧାରଣ ଉପସ୍ଥିତ ଥିଲେ।

# ଜିଲ୍ଲାପାଳ ଗ୍ରହଣ କଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



**ଝାରସୁଗୁଡ଼ା, ୧୨(ସମିସ):** ଶିକ୍ଷାକ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ବିଭିନ୍ନ ବର୍ଗରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଝାରସୁଗୁଡ଼ା ରାଜ୍ୟସ୍ତରରେ ତୃତୀୟ ଜିଲ୍ଲା ଭାବେ ପୁରସ୍କୃତ ହୋଇଛି। ଭୁବନେଶ୍ୱରରେ ଆୟୋଜିତ ସମାରୋହରେ ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ବ୍ୟକ୍ତିଗତ ଏବଂ ଆନୁଷ୍ଠାନିକ ବର୍ଗରେ ରାଜ୍ୟରେ ପ୍ରଥମ ଥର ଲାଗି ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ସମାରୋହରେ ଶ୍ରେଷ୍ଠ ବ୍ଲକ ବର୍ଗରେ ଲଇକେରା ଓ ଶ୍ରେଷ୍ଠ ପଞ୍ଚାୟତ ବର୍ଗରେ ଜମେରା ପଞ୍ଚାୟତକୁ ଏହି ପୁରସ୍କାର ମିଳିଛି। ଶ୍ରେଷ୍ଠ ହାଇସ୍କୁଲ ବର୍ଗରେ ବେଲପାହାଡ଼ ଗିରଧରଲାଲ ହାଇସ୍କୁଲ ଏହି ପୁରସ୍କାର ପାଇଥିବା ବେଳେ ପ୍ରଧାନଶିକ୍ଷକ ସଚୀନ୍ଦ୍ର ପଟେଲ ପୁରସ୍କାର ଗ୍ରହଣ କରିଥିଲେ। ରାଜ୍ୟସ୍ତରରେ ଶ୍ରେଷ୍ଠ ପୂର୍ବତନ ଛାତ୍ର ବର୍ଗରେ ମଧ୍ୟ ଏହି ସ୍କୁଲ ପୁରସ୍କୃତ ହୋଇଛି। ଶ୍ରେଷ୍ଠ ପ୍ରାଥମିକ ସ୍କୁଲ ବର୍ଗରେ ଲଖନପୁର ବ୍ଲକ ବାଞ୍ଜିପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୁରସ୍କାର ପାଇଛି। ଜିଲାସ୍ତରରେ ମୁଦ୍ରାଯୋର ୟୁପି ସ୍କୁଲ, ପଧାନଡେରା ୟୁପ ସ୍କୁଲ, ଗାନ୍ଧିନଗର ୟୁପି ସ୍କୁଲ, ବରତାପ ୟୁପି ସ୍କୁଲ ପୁରସ୍କୃତ ହୋଇଥିବା ଜଣାଯାଇଛି। ଜିଲାର ୧୭ଜଣ ଛାତ୍ରଛାତ୍ରୀ ରାଜ୍ୟସ୍ତରରେ ଶିକ୍ଷା ପୁରସ୍କାର ପାଇଛନ୍ତି। ସେମାନେ ହେଲେ ଦେବକୀ ଦେବୀ ବାଳିକା ହାଇସ୍କୁଲର ସନ୍ତୋଷୀ ସାହୁ ଓ ଲକି ସାହୁ, ସୋନମ ପ୍ରଧାନ, କତରବଗା ହାଇସ୍କୁଲର ଓଜଶ୍ରୀ ଦେହେରୀ ଓ ସୋମନାଥ ସା, ବନ୍ଧବାହାଲ ହାଇସ୍କୁଲର ସାଇ ସ୍ୱାଗତ ପ୍ରଧାନ, ପାକେଲଖୋଲ ହାଇସ୍କୁଲର ସୁରଞ୍ଜନ ରାଉତିଆ, ଅତାବିରା ହାଇସ୍କୁଲର ଉଷତ ବିଶ୍ୱାଳ, ଲଇକେରା କେବିଜେ ହାଇସ୍କୁଲର ଜ୍ୟୋତ୍ସ୍ନା ମେହେର, ଅତାବିରା ହାଇସ୍କୁଲର ରାଜେଶ ପ୍ରଧାନ ଓ ଲିତୋଶ ବିଶ୍ୱାଳ, କୋଲାବିରା ହାଇସ୍କୁଲର ପ୍ରାଚୀସ୍ମିତା ନାଏକ ଓ ଲିଜା କଉଡ଼ି, ଅଇଁତାପାଲି ହାଇସ୍କୁଲର କୀର୍ତ୍ତିମୟୀ ବେହେରା, ଝାରସୁଗୁଡ଼ା ସରକାରୀ ବାଳିକା ହାଇସ୍କୁଲର କାମିନୀ ରଣା ପୁରସ୍କୃତ ହୋଇଛନ୍ତି। ଶିକ୍ଷକ ଶିକ୍ଷୟିତ୍ରୀ ବେବି ନାୟକ, ବିକାଶ ଭୁଏ, ପୁଷ୍ପାଞ୍ଜଳି ନାୟକ, ଜିତେନ୍ଦ୍ର କଂସରାଲି, ଦୀପ୍ତିମୟୀ ଖମାରି, ସୁକାନ୍ତ ବାଗ, ସମୀର ସାହୁ ଓ ପ୍ରତିଭା ମହାପାତ୍ର ପୁରସ୍କାର ପାଇଛନ୍ତି।

## ଦେବଗଡ଼ରେ ବିଜେଡି ସାଙ୍ଗଠନିକ ସମ୍ପାଦକ

# ଶଙ୍ଖ ଅଭିଯାନ ତ୍ୱରାନ୍ୱିତ କରିବାକୁ ଆହ୍ୱାନ

**ଦେବଗଡ଼, ୧।୨(ସମିସ):** ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଗୁରୁବାର ଦିନିକିଆ ଦେବଗଡ଼ ନିର୍ବାଚନୀ ମଣ୍ଡଳୀ ଗସ୍ତରେ ଆସି ଜୋନସ୍ତରୀୟ ନେତୃବୃନ୍ଦ ଓ ଦଳୀୟ କର୍ମୀଙ୍କ ସହିତ ମାରାଥନ ବୈଠକ କରିବା ସହ ଆଗାମୀ ନିର୍ବାଚନ ପାଇଁ ଗୁରୁମନ୍ତ୍ର ଦେଇଛନ୍ତି। ଶ୍ରୀ



ଦାସ ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ପହଞ୍ଚିବା ପରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହାପରେ ଦେବଗଡ଼ ଜିଲ୍ଲାର ସମସ୍ତ ୭ଟି ଜୋନ ଏବଂ ପୌରାଞ୍ଚଳର ଦଳୀୟ କର୍ମୀଙ୍କୁ ନେଇ କ୍ରମାଗତ ଭାବେ ୮ଟି ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଥିଲା। ଆଗାମୀ ନିର୍ବାଚନରେ ଦେବଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କୁ ସମର୍ଥନ ସହ ଘରେ ଘରେ ଶଙ୍ଖ ଅଭିଯାନ ମାଧ୍ୟମରେ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଓ ଏହାର ସୁଫଳ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ଶ୍ରୀ ଦାସ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ବିଜେଡି ଦେବଗଡ଼ ଜିଲ୍ଲା ପର୍ଯ୍ୟବେକ୍ଷକ ଗୌତମ ବୁଦ୍ଧ ଦାସ, ଯୁବ ନେତା ପ୍ରକାଶ ମହାନ୍ତି, ବିଜେଡି ମହିଳା ଜିଲ୍ଲା ପର୍ଯ୍ୟବେକ୍ଷିକା ମିନତୀ ଦେବତା, ଜିଲ୍ଲା ବିଜେଡି ସଭାପତି ଇଂ ଚିତ୍ତରଞ୍ଜନ ପ୍ରଧାନ, ରାଜ୍ୟ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପୂର୍ବତନ ବିଧାୟକ ସଞ୍ଜୀବ ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ପୌରାଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପଞ୍ଜିଆ ଭୋଇ, ଜିଲ୍ଲା ସରପଞ୍ଚ ସଙ୍ଘ ସଭାପତି ସତ୍ୟନାରାୟଣ ପାଣି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଇଂ ସୁଜିତ ପ୍ରଧାନ, ବାରକୋଟ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବେନ୍ଦ୍ର ବେହେରା, ବାରକୋଟ ଜିଲ୍ଲା ପରିଷଦ ଜୋନ ୧ ସଦସ୍ୟା ବର୍ଷା ରାଣୀ ମୁଣ୍ଡା, ଜୋନ ୨ ସଦସ୍ୟ ବିଜୟ ଜିତ, ଜୋନ ୩ ସଦସ୍ୟା ଗୀତାଞ୍ଜଳି ପାଣି, ରିଆମାଳ ଜିଲ୍ଲା ପରିଷଦ ଜୋନ ୧ ସଦସ୍ୟ ତଥା ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ରିଆମାଳ ଜୋନ ୨ ସଦସ୍ୟା ବାସନ୍ତୀ ବେହେରା, ତିଳେଇବଣି ଜୋନ ୧ ସଦସ୍ୟ ରାଜେଶ ମହାନାୟକ, ଜୋନ ୨ ସଦସ୍ୟା ପୁଷ୍ପାଞ୍ଜଳି ସାମଲ, ଜିଲ୍ଲା ମହିଳା ବିଜେଡି ସଭାପତି ଅରୁଣି ପ୍ରଧାନ, ଜିଲ୍ଲା ଯୁବ ବିଜେଡି ପ୍ରତାପ ଦେବ, ବାରକୋଟ ବ୍ଲକ ସଭାପତି ହୀରାଲାଲ ସାହୁ, ରିଆମାଳ ବ୍ଲକ ସଭାପତି ବୈକୁଣ୍ଠ ପାଇକରାୟ, ତିଳେଇବଣି ବ୍ଲକ ସଭାପତି ବାବୁଲାଲ ପୃଷ୍ଠେ, ଦେବଗଡ଼ ନଗର ସଭାପତି ଶୁକଦେବ ଭଞ୍ଜ, କରିଷ୍ଠ ନେତା ବିଭୂତି ଗଙ୍ଗଦେବ, ଅମରେନ୍ଦ୍ର ଗଙ୍ଗଦେବ, ବିକାଶ ପ୍ରଧାନ, ଭୂପେନ୍ଦ୍ର ନାୟକ, ଶୋଭେନ ସାମଲ, ରାଜକିଶୋର ପ୍ରଧାନ, ଚନ୍ଦ୍ରଶେଖର ଭୁକ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ନର୍ସଙ୍କ ଆତ୍ମହତ୍ୟା

**ଝାରସୁଗୁଡ଼ା, ୧୨(ସମିସ):** ଝାରସୁଗୁଡ଼ା ବିମାନ ବନ୍ଦର ଥାନା ଅନ୍ତର୍ଗତ ମାଲିମୁଣ୍ଡା ଜମିଦାରପଡ଼ାରେ ଭଡ଼ାରେ ରହୁଥିବା ଜଣେ ମହିଳା ନର୍ସ ଘରେ ଫାସି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ମହିଳା ଜଣଙ୍କ ସୈରେନ୍ଦ୍ରୀ ମହାନନ୍ଦିଆ (୩୩) ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ସୈରେନ୍ଦ୍ରୀ ବିଭିଡ଼-୧୯ ହସପିଟାଲରେ ନର୍ସ ଭାବରେ କାର୍ଯ୍ୟକରନ୍ତି। ତାଙ୍କ ସ୍ୱାମୀ ଏନଟିପିସି ସୁନ୍ଦରଗଡ଼ରେ କାର୍ଯ୍ୟ କରୁଥିବାବେଳେ ମାଲିମୁଣ୍ଡାରେ ଘର ଭଡ଼ା ନେଇ ରହୁଥିଲେ। ସୈରେନ୍ଦ୍ରୀ ଗର୍ଭବତୀ ଥିବାବେଳେ ଗର୍ଭରେ ଶିଶୁ ଭ୍ରୁଣ ନଷ୍ଟ ହୋଇ ଯାଇଥିଲା। ଏଥିରେ ମର୍ମାହତ ହୋଇ ସୈରେନ୍ଦ୍ରୀ ଘରେ କେହି ନ ଥିବା ସୁଯୋଗରେ ଭଡ଼ା ଘରେ ଫାସି ଲଗାଇ ଆତ୍ମହତ୍ୟା କରିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଏନେଇ ଏୟାରପୋର୍ଟ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛି।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଲଖନପୁର, ୧୨(ସମିସ):** ଲଖନପୁର ବ୍ଲକ ସୀମାନ୍ତ ୧୯ ଖଣ୍ଡ ମୌଜା ଅନ୍ତର୍ଗତ ସରକାରୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମୁରଲୀପାଲିଠାରେ ଜାନୁଆରୀ ୧୭ତାରିଖରୁ ଆରମ୍ଭ ହୋଇଥିବା ଛାତ୍ରୀମାନଙ୍କର ଆତ୍ମସୁରକ୍ଷା ଶିବିର ୩୦ ତାରିଖରେ ପରିସମାପ୍ତି ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷା କଳ୍ପନା ପଧାନଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ଭୁକ୍ତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ତାଲିମପ୍ରାପ୍ତ ପ୍ରଶିକ୍ଷକ ଯମୁନା ଭୋଇ ଛାତ୍ରୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

# ସ୍ତ୍ରୀର ଲୁହାନଳି ମାଡ଼ରେ ସ୍ୱାମୀର ମୃତ୍ୟୁ ଘଟଣା

# ଅଭିଯୁକ୍ତ ପତ୍ନୀ ଓ ନାବାଳକ ପୁଅ କୋର୍ଟ ଚାଲାଣ

**ଦେବଗଡ଼, ୧।୨( ସମିସ):** ବାରକୋଟ ଥାନା ପଦ୍ମପୁର ଗ୍ରାମରେ ସ୍ତ୍ରୀର ଲୁହାନଳି ମାଡ଼ରେ ସ୍ୱାମୀର ମୃତ୍ୟୁ ଘଟଣାରେ ବାରକୋଟ ଥାନା ପୁଲିସ ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ସ୍ତ୍ରୀ ଓ ନାବାଳକ ପୁଅକୁ କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ସ୍ତ୍ରୀକୁ ବିଚାର ବିଭାଗୀୟ ହାଜତକୁ ପଠା ଯାଇଛି। ସେହିଭଳି ନାବାଳକ ପୁଅକୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଥିଲା। ଏହାପରେ ତାକୁ ବାଲ୍ ସୁଧାର କେନ୍ଦ୍ରକୁ ପଠାଇ ଦିଆଯାଇଛି।

ବାରକୋଟ ଥାନାରେ କାର୍ଯ୍ୟରତ ଅମ୍ବାଗାଁର ଗୃହରକ୍ଷୀ ରବି ପାତ୍ର ଆମ୍ବଗାଁ ପୁଲିସ ବିଟ୍ ଅଧୀନ ପଦ୍ମପୁର ଗ୍ରାମରେ ଏକ ହତ୍ୟା କାଣ୍ଡ ଘଟିଥିବା ସୂଚନା ପାଇ ସେଠାକୁ ଯାଇଥିଲେ। ମହେଶ୍ୱର ମୁଣ୍ଡା ନାମକ ଜଣେ ବ୍ୟକ୍ତି ରକ୍ତାକ୍ତ ଅବସ୍ଥାରେ ଘର ବାହାରେ ପଡ଼ିଥିବା ଦେଖି ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବାରକୋଟ ଡାକ୍ତରଖାନା ପଠାଇଥିଲେ; ମାତ୍ର ଡାକ୍ତର ମହେଶ୍ୱରଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ପାଇ ବାରକୋଟ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏହି ସମୟରେ ରକ୍ତଛିଟା ଏବଂ ତାଙ୍କ ସ୍ତ୍ରୀ ଲିଲି ମୁଣ୍ଡାଙ୍କ ଗତିବିଧି ସନ୍ଦେହ ହୋଇଥିଲା। ପୁଲିସ ତାଙ୍କୁ ଥାନାକୁ ଆଣି ଅଧିକ ପଚରା ଉଚୁରା କରିଥିଲା। ପଚରାଉଚୁରା ବେଳେ ମହେଶ୍ୱର ପ୍ରତ୍ୟକ ଦିନ ନିଶାସକ୍ତ ଅବସ୍ଥାରେ ତାଙ୍କୁ ଶାରୀରିକ ନିର୍ଯାତନା ଦେଉଥିବା ସେ କହିଥିଲେ। ଏଥିରେ ଅତିଷ୍ଠ ହୋଇ ଲିଲି ଘରେ ଚୁଲିଫୁଙ୍କା ଲୁହାନଳୀରେ ମହେଶ୍ୱରଙ୍କ ମୁଣ୍ଡରେ ପିଟି ଦେବାରୁ ମହେଶ୍ୱରଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଏହା ଜାଣିପାରି ଲିଲି ନାବାଳକ ପୁଅ ସହ ଘରେ ପଡ଼ିଥିବା ରକ୍ତ ଛିଟା ଧୋଇବା ସହ ପିନ୍ଧା ଲୁଗାକୁ ମଧ୍ୟ ଧୋଇ ଶୁଖେଇଥିବା ପୁଲିସ ନିକଟରେ ପ୍ରକାଶ କରିଛି। ତେବେ ସାଇଣ୍ଟିଫିକ ଟିମ୍ ତଦନ୍ତ କରି ରକ୍ତ ନମୁନା ଏବଂ ଲୁହାନଳି ସଂଗ୍ରହ କରିଛି।

# ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ




**ଦେବଗଡ଼, ୧।୨(ସମିସ):** ବାରକୋଟସ୍ଥିତ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟାପିକା ଶିବାରଣୀ କୁଅରଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅଧ୍ୟକ୍ଷ ଜିତେନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସିହିଡ଼ିଆ କଲେଜର ଅଧ୍ୟାପକ ସଂଜୀବ ପ୍ରଧାନ, ଉଅରା କଲେଜ ଅଧ୍ୟକ୍ଷ ଯାତ୍ରାକର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ପଣ୍ଡରୀ ପଞ୍ଚାୟତରେ ଦୁର୍ନୀତି ଅଭିଯୋଗ ଆଣି ସମିତିସଭ୍ୟାଙ୍କ ଇସ୍ତଫା

**ଝାରସୁଗୁଡ଼ା, ୧୨(ସମିସ):** ପଣ୍ଡରୀ ପଞ୍ଚାୟତରେ ଦୁର୍ନୀତି ଅଭିଯୋଗ ଆଣି ଗୁରୁବାରି ସମିତି ସଭ୍ୟା କ୍ଷୀରବତୀ ସାହୁ ଇସ୍ତଫା ଦେଇଛନ୍ତି। ଏନେଇ ସେ ତାଙ୍କର ଇସ୍ତଫା ପତ୍ର ବିଡ଼ିଓଙ୍କୁ ପ୍ରଦାନ କରିଛନ୍ତି। ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ସେ ଦେଇଥିବା କାର୍ଯ୍ୟର ପ୍ରସ୍ତାବ ଗୁଡ଼ିକ ଏକ ମାସ ହେବ ଯାଗା ପ୍ରସ୍ତୁତ ହେବା ସତ୍ତ୍ୱେ ଲେଆଉଟ ଦେବାପାଇଁ କନିଷ୍ଠ ଯନ୍ତ୍ରୀ ଆସୁ ନ ଥିବା ଅଭିଯୋଗ କରିଛନ୍ତି। ସେ ଏ ସଂପର୍କରେ ସମ୍ପୃକ୍ତ ଯନ୍ତ୍ରୀଙ୍କ ସହିତ ଯୋଗାଯୋଗ କଲେ ସେ ନାନା ବାହାନା କରୁଥିବା କ୍ଷୀରବତୀ ଅଭିଯୋଗ କରିଛନ୍ତି। ପଣ୍ଡରୀ ପଞ୍ଚାୟତବାସୀଙ୍କ ପ୍ରସ୍ତାବ ଓ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି କରିଥିବା ସୁପାରିସରେ ପଣ୍ଡରୀର ତଳିବନ୍ଧର ପୁନଃରୁଦ୍ଧାର, ଗାର୍ଡ ୱାଲ୍ ପାଇଁ ସମିତି ପକ୍ଷରୁ କେସ ରେର୍କଡ ଖୋଲିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ କହିଛନ୍ତି। ଯଦିଓ ଏହି ପ୍ରକଳ୍ପ ଗୁଡ଼ିକ ୨୦୨୧-୨୨, ୨୦୨୨-୨୩ ଓ ୨୦୨୩-୨୪ ମସିହାରେ ଏକ୍ସନ ପ୍ଲାନରେ ସ୍ଥାନିତ



ରହିଛି ବୋଲି କ୍ଷୀରବତୀ ଭୋଇ କହିଛନ୍ତି। ସେହିପରି ଉପରପଡ଼ା କମ୍ୟୁନିଟି ସେଣ୍ଟର କାର୍ଯ୍ୟ ଶେଷ ହେବାର ଗୋଟିଏ ବର୍ଷ ହେବାପରେ ମଧ୍ୟ କନିଷ୍ଠ ଯନ୍ତ୍ରୀ ଏହାର ବିଲ କରୁ ନଥିବା କ୍ଷୀରବତୀ ଅଭିଯୋଗ କରିଛନ୍ତି। ସବୁବେଳେ ଏହି କନଷ୍ଠ ଯନ୍ତ୍ରୀ ଜଣକ ତାଙ୍କୁ ଅଣଦେଖା କରିବା ସହିତ ତାଙ୍କ ଦ୍ୱାରା ପ୍ରସ୍ତାବିତ କାର୍ଯ୍ୟକୁ ବିଭିନ୍ନ ବାହାନା କରି କାର୍ଯ୍ୟ କରୁ ନ ଥିବା ଏହି ଇସ୍ତଫା ପତ୍ରରେ ପ୍ରକାଶ କରିଛନ୍ତି। ସେ ଜଣେ ନିର୍ବାଚିତା ସମିତି ସଭ୍ୟା ଲୋକଙ୍କ ପାଇଁ କାର୍ଯ୍ୟ କରିବାକୁ ତାଙ୍କୁ ଦିଆଯାଉନାହିଁ। ସେ ଏନେଇ ବାରମ୍ବାର ବିଡ଼ିଓ, ବ୍ଲକ ଅଧ୍ୟକ୍ଷା, ବିଧାୟିକାଙ୍କୁ ବାରମ୍ବାର ଜଣାଇବାପରେ ଏହା ଉପରେ କୌଣସି ପଦକ୍ଷେପ ନ ନେବାରୁ ତାଙ୍କର ସମ୍ମାନ ହାନି ହେବାରୁ ସେ ବାଧ ହୋଇ ଇସ୍ତଫା ଦେଉଥିବା ତାଙ୍କ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି।

# ସୂଚନା ଅଧିକାର ସଚେତନତା କର୍ମଶାଳା

**ଦେବଗଡ଼, ୧।୨(ସମିସ):** ସୂଚନା ଅଧିକାର ପ୍ରଚାର ଅଭିଯାନ ପରିପ୍ରେକ୍ଷୀରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଦେବଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଭିଡିଓ କନଫରେନ୍ସ ଜରିଆରେ ଏକ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଭିଡିଓ କନଫରେନ୍ସ ମାଧ୍ୟମରେ ଅନୁଷ୍ଠିତ କର୍ମଶାଳାରେ ଜିଲ୍ଲାରେ ବିଭିନ୍ନ ବିଭାଗରୁ ଯୋଗ ଦେଇଥିବା ସୂଚନା ଅଧିକାରୀଙ୍କ ମଧ୍ୟରେ ଏହି ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଏହି କର୍ମଶାଳାରେ ଜିଲ୍ଲାର ସମସ୍ତ କାର୍ଯ୍ୟରତ ଜନ ସୂଚନା ଅଧିକାରୀ ଏବଂ ପ୍ରଥମ ଅପିଲ ପ୍ରାଧିକରଣ ସମେତ ଜିଲ୍ଲା କୋଷାଗାର ଅଧିକାରୀ ସୁରେଶ ଚନ୍ଦ୍ର ମାଝି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର, ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ, ଜିଲ୍ଲା ନିଯୋଜନ ଅଧିକାରୀ ବିଜୟ ଉପାଧ୍ୟାୟ, ଡିଆଇସି ସାଧାରଣ ପରିଚାଳକ ରମେଶ ପଟେଲ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଯୋଗ ଦେଇଥିଲେ।

## ଘର ବାହୁଡ଼ିଲେ ବିଏସ୍‌ଏଫ୍ ଯବାନ

# ବିଭିନ୍ନ ସ୍ଥାନରେ ଭବ୍ୟ ସ୍ୱାଗତ

**ଝାରସୁଗୁଡ଼ା, ୧୨(ସମିସ):** ଭାରତୀୟ ସେନା ବାହିନୀରେ ଜଣେ ଯବାନ ଭାବେ ସଫଳତା ଓ ନିଷ୍ଠାର ସହିତ ଭାରତ ମାତା ତଥା ଦେଶର ସେବା କରିବା ପରେ ବେଲପାହାଡ଼



ଯୋରାବଗା ନିବାସୀ ସହଦେବ ଠେମେରିଆଙ୍କ ପୁଅ ଲିଙ୍ଗରାଜ ଠେମେରିଆ କର୍ମମୟ ଜୀବନରୁ ଅବସର ଗ୍ରହଣ କରି ନିଜ ଜନ୍ମମାଟିକୁ ବାହୁଡ଼ିଛନ୍ତି। ପିଲାଟି ଦିନରୁ ସେ ଭାରତ ମାତାର ସେବା କରିବା ପାଇଁ ଆଗ୍ରହ ପ୍ରକାଶ କରି ନିଜକୁ ସେନା ବାହିନୀରେ ଯୋଗଦେବା ସକାଶେ ଦିନରାତି କଠିନ ପ୍ରଚେଷ୍ଟା ବଳରେ ସଫଳ ହୋଇପାରିଥିଲେ। ଲିଙ୍ଗରାଜ ଭାରତୀୟ ସେନା ବାହିନୀର ଜଣେ ଯବାନ ଭାବେ ୨୦୦୨ରୁ ୨୦୨୪ ମସିହା ପର୍ଯ୍ୟନ୍ତ ଦୀର୍ଘ ୨୨ ବର୍ଷ ଧରି କାର୍ଯ୍ୟ କରିଥିଲେ। ଚାକିରୀର ଶେଷ ସମୟରେ ସେ ଉତ୍ତରପ୍ରଦେଶର ମେରଠରେ ଅତିବାହିତ କରିଥିଲେ। ବେଲପାହାଡ଼ ସହରର ବିଭିନ୍ନ ସ୍ଥାନରେ ଲୋକେ ଯବାନ ଲିଙ୍ଗରାଜଙ୍କୁ ଫୁଲମାଳ ପିନ୍ଧାଇ ଭାରତ ମାତାର ଜୟଗାନ ଓ ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରା ମାଧ୍ୟମରେ ଗୁରୁବାର ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଦେଶର ସୁରକ୍ଷା ଦିଗରେ ଲିଙ୍ଗରାଜଙ୍କ ଏହି ଅତୁଳନୀୟ ଅବଦାନ ଅଞ୍ଚଳବାସୀଙ୍କ ପାଇଁ ଏକ ଗର୍ବ ଓ ଗୌରବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ‘ନୂଆ-ଓ’ ବାଳିକା ହକି ଆନ୍ତଃଜିଲ୍ଲା ପ୍ରତିଯୋଗିତା

# ଝାରସୁଗୁଡ଼ା ଜିଲ୍ଲା ୬-୧ରେ ବିଜୟୀ

**ଝାରସୁଗୁଡ଼ା, ୧୨(ସମିସ)**

‘ନୂଆ-ଓ’ ନବୀନ ଓଡ଼ିଶା ରାଜ୍ୟସ୍ତରୀୟ ବାଳିକା ହକି ଚାମ୍ପିଅନସିପ୍ ଗୁରୁବାର ରାଉରକେଲା ପାନପୋଷ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଝାରସୁଗୁଡ଼ା ହକି ଦଳ ମୟୁରଭଞ୍ଜ ଜିଲ୍ଲା ସହିତ ପ୍ରଥମ ମ୍ୟାଚ ଖେଳି ଥିଲା। ଖେଳ ଆରମ୍ଭ ହେବାର ୫ ମିନିଟରେ ଅଗ୍ରଭାଗର ଖେଳାଳି ଦୀପିକା ମାଝୀ ପ୍ରଥମ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ପୁନଶ୍ଚ ୧୨ ମିନିଟରେ ଲଛମୀ ଲାକ୍ରା ଦଳ ପକ୍ଷରୁ ୨ୟ ଗୋଲ ଦେଇଥିଲେ। ମୟୁରଭଞ୍ଜ ଜିଲ୍ଲା ସଂଘବଦ୍ଧ ହୋଇ ଆକ୍ରମଣ କରି ୨ୟ ଭାଗ ଖେଳ ଆରମ୍ଭର ୪ ମିନିଟରେ ମିନି ତିରିଆ ଗୋଲ ଦେଇ ଦଳକୁ ୨-୧ ସ୍ତରକୁ ଆଣିଥିଲେ। ଝାରସୁଗୁଡ଼ା ହକି ଦଳ ଆକ୍ରମଣ ପଦ୍ଧତିରେ ଘନ ଘନ ଆକ୍ରମଣ କରି ଲଛମୀ ଲାକ୍ରା ୩ୟ ଗୋଲ ନିଳମ ୪ର୍ଥ ଗୋଲ ଏବଂ ଲଛମୀ ୫ ମ ଓ ୬ଷ୍ଠ ଗୋଲ ଦେଇ ଦଳକୁ ୬-୧ ଗୋଲରେ ବିଜୟୀ କରିଥିଲେ। ଲଛମୀ ଲାକ୍ରା ଏକାକି ୪ଟି ଗୋଲ ଦେଇଥିଲେ। ଏହି ଦଳରେ କୋଚ ଭାବରେ ସୁନିତା ସିଂ ଓ ମ୍ୟାନେଜର ଭାବରେ ସୁଶାନ୍ତ ବେହେରା ରହିଛନ୍ତି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ସୁଶିଳ କୁମାର ମିଶ୍ର, ବିଶ୍ୱକେଶନ ପାଣ୍ଡେ, ହକି ଆସୋସିଏସନ ଅଫ୍ ଓଡ଼ିଶାର ଉପ-ସଭାପତି ଜୀବନ ମହାନ୍ତି, ଦିଲିପ ତିର୍କୀ ସ୍ପୋର୍ଟ ଏକାଡେମୀର ସଂପାଦକ ଅଶ୍ୱନୀ ପାଣ୍ଡେ, ଗଣେଶ ନାୟକ, ବିମଳ କୁମାର ତାଣ୍ଡି, ପ୍ରଜ୍ୱଳ ପଟେଲ, ଅଭିଷେକ ଲାଟ, ରୀନା ତ୍ରିକୀ ଝାରସୁଗୁଡ଼ା ଜିଲ୍ଲା ହକି ଆସୋସିଏସନ ତରଫରୁ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶୁକ୍ରବାର ଝାରସୁଗୁଡା ଦଳ ୨ୟ ରାଉଣ୍ଡରେ ସୁବର୍ଣ୍ଣପୁର ଜିଲ୍ଲାକୁ ଭେଟିବ।



# ଚଳଚ୍ଚିତ୍ର ‘ଜୟ ମାଁ ସମଲେଇ’ ପୋଷ୍ଟର ଉନ୍ମୋଚିତ

ସମ୍ବଲପୁର, ୧।୨(ସମିସ)

ଖୁବ ଶୀଘ୍ର ବଡ ପରଦାରେ ମୁକ୍ତ ଲାଭ କରିବ ବହୁଭାଷୀ ଚଳଚ୍ଚିତ୍ର ଜୟ ମାଁ ସମଲେଇ। ସମଲେଇଙ୍କ ମହିମା ପ୍ରଚାର କରିବା ନେଇ ଚଳଚ୍ଚିତ୍ର ତିଆରି ହୋଇଛି। ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଜୟ ମା ସମଲେଇ ଚଳଚ୍ଚିତ୍ରର ଆଜି ଇଷ୍ଟଦେବୀ ମା ସମଲେଶ୍ୱରୀଙ୍କ ମନ୍ଦିରରେ ଶୁଭ ମହୁରତ ଓ ପୋଷ୍ଟର ଉନ୍ମୋଚନ ହୋଇଛି। ସନଲିସା ପଟେଲ, ପ୍ରଣୟ ଜେଠୀ, କୁମାର ସି ଦେବ୍ ଏହାର ପ୍ରଯୋଜକ ଅଟନ୍ତି। ପଶ୍ଚିମ ଓଡ଼ିଶାର ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ ମହିମାକୁ ନେଇ ଏହି ବହୁଭାଷୀ ଚଳଚ୍ଚିତ୍ର ନିର୍ମାଣ ହେଉଛି। ସମଲେଇ ଯୋଜନା ଉଦଘାଟନ ପରେ ଏବେ ଝଟକୁଛି ମାଙ୍କ ମନ୍ଦିର। ଏକ ସର୍ବେକ୍ଷଣରୁ ଜଣାଯାଇଛି ଓଡ଼ିଶା, ଛତିଶଗଡ଼, ଝାଡଖଣ୍ଡ ଓ ପଶ୍ଚିମ ବଙ୍ଗ ଅଞ୍ଚଳରେ ମା'ଙ୍କର ରହିଛି ଶତାଧିକ ମନ୍ଦିର। ମା'ଙ୍କର ମହିମା ଅପାର। କରୁଣାମଇ ମା' ସମଲେଇ। ତାଙ୍କ ମହିମାକୁ ନେଇ ନିର୍ମାଣ ହେଉଛି ବଡ଼ ପରଦାର ଚଳଚ୍ଚିତ୍ର ଜୟ ମା ସମଲେଇ। ଆଜି ମାଙ୍କ ମନ୍ଦିରରେ ପୂଜାର୍ଚ୍ଚନା ସହ ଜୟ ମା' ସମଲେଇଙ୍କ ଚଳଚ୍ଚିତ୍ରର ଶୁଭ ମହୁରତ ଓ ପୋଷ୍ଟର ଉନ୍ମୋଚନ ହୋଇଥିଲା। ମନ୍ଦିର ପରିସରରେ ମା ସମଲେଙ୍କ ଭଜନ ପରିବେଷଣ ଓ ନାଚଗୀତ ସହ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର କହିଛନ୍ତି ମାଙ୍କ ମହିମା ଉପରେ ତିଆରି ହେଉଥିବା ଏହି ଚଳଚ୍ଚିତ୍ର ତିନୋଟି ପ୍ରଯୋଜନା ସଂସ୍ଥାର ପ୍ରାୟୋଜକ ଅଛନ୍ତି। ସନଲିସା ସିଗ୍‌ନେଚର, ସିରିଡି ସାଇବାବା ମୁଭିଜ୍ ଓ ନ୍ୟୁ ଜେନେରେସନ ଫିଲ୍ମିସ୍‌ର ମିଳିତ ଆନୁକୂଲ୍ୟରେ ବହୁଭାଷୀ ଚଳଚ୍ଚିତ୍ର ଜୟ ମାଁ ସମଲେଇର ନିର୍ମାଣ କରାଯାଉଛି। ଏହା ଓଡିଆ, ସମ୍ବଲପୁରୀ, ହିନ୍ଦୀ, ଛତିଶଗଡ଼ୀ, ବଙ୍ଗାଳୀ, ସାନ୍ତାଳୀ, ତେଲୁଗୁ ଆଦି ବିଭିନ୍ନ ଭାଷାରେ ନିର୍ମାଣ କରାଯାଉଛି। ମହୁରତ ଉତ୍ସବରେ ସାମିଲ ହୋଇଥିବା ପ୍ରଯୋଜକମାନେ ମାଙ୍କ ଆର୍ଶିବାଦ ନେଇ ସିନେମାର ନିର୍ମାଣ କରାଯାଉ ଥିବା କହିଥିବା ବେଳେ ଏହି ଚଳଚ୍ଚିତ୍ର ଦେଶ ବିଦେଶରେ ମାଁ ସମଲେଇଙ୍କ ମହିମା ପ୍ରଚାର ପ୍ରସାରରେ ବେସ୍ ସହାୟକ ହେବ ବୋଲି ମା ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି। ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁ କହିଛନ୍ତି ଯେ, ମାଁ ସମଲେଇ, ସମ୍ବଲ ଓ ଶ୍ରୀର ଅଧିକାରିଣୀ ଦେବୀ। ପଶ୍ଚିମ ଓଡ଼ିଶାର ଇଷ୍ଟ ଦେବୀ ମା ସମଲେଇଙ୍କ ଉପରେ ରହିଛି କୋଟି କୋଟି ଶ୍ରଦ୍ଧାଳୁଙ୍କ ଆସ୍ଥା ବିଶ୍ୱାସ ରହିଛି ଏହି ସିନେମାକୁ ଲୋକମାନେ ଭଲ ପାଇବେ ବୋଲି କହିଥିଲେ।



# କେନ୍ଦ୍ରୀୟ ବଜେଟ ନୈରାଶ୍ୟଜନକ: ବିଜୟ ମହାନ୍ତି

**ସମ୍ବଲପୁର, ୧।୨(ସମିସ):** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୪- ୨୫ ପାଇଁ ଆଗତ କରିଥିବା କାମଚଳା ବଜେଟ ବିଭିନ୍ନ ଦୃଷ୍ଟିକୋଣରୁ ନୈରାଶ୍ୟ ଜନକ ହୋଇଛି ବୋଲି ପୂର୍ବତନ ରାଜ୍ୟ ଅର୍ଥ କମିଶନ ସଦସ୍ୟ ବିଜୟ କୁମାର ମହାନ୍ତି ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି। ମହାନ୍ତି ଏହି ବିବୃତିରେ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ୪ଟି ଜାତି ଯଥା କୃଷକ ମହିଳା, ଯୁବକ ଓ ଗରିବଶ୍ରେଣୀ କହିଥିଲେ। ଉକ୍ତ ବଜେଟରେ ବାସ୍ତବରେ ଉପକୃତ ହେବେ ନାହିଁ। କେବଳ ୧ଲକ୍ଷ ୬୪ ହଜାର ଟଙ୍କାର ୟୁରିଆ ସବସିଡି କୃଷକମାନଙ୍କ ଆୟ ବୃଦ୍ଧିରେ ସହାୟକ ହେବ ନାହିଁ। କୃଷି ଯନ୍ତ୍ରପାତିରେ ବର୍ତ୍ତମାନ ହେଉଥିବା କୃଷି ପ୍ରଣାଳୀରେ କୃଷି ଯନ୍ତ୍ରପାତି, କୀଟନାଶକ ଔଷଧରେ ଦରବୃଦ୍ଧି ହୋଇ ଚାଲିଛି। ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ହେଉନାହିଁ। ଜୈବିକ କୃଷି ଉପରେ ପ୍ରାତ୍ସାହନ ନାହିଁ। ଯୁବକମାନଙ୍କୁ କେବଳ କର୍ପସ ପାଣ୍ଠି କରିଦେଲେ କିମ୍ବା ଦକ୍ଷତା ବିକାଶ କଲେ କର୍ମନିଯୁକ୍ତି ହେବ ନହିଁ। ବେକାରି ହାର ବୃଦ୍ଧି ହୋଇ ଚାଲିଛି। ଗରିବ ଶ୍ରେଣୀ ବିଶେଷ ଭାବରେ ଅଣସଂଗଠିତ ଶ୍ରମିକ ଶ୍ରେଣୀ ପାଇଁ ବଜେଟ ଆଦୌ ପ୍ରୋତ୍ସାହନ ନାହିଁ କେବଳ ୮୬,୦୦୦ କୋଟି ଟଙ୍କା ମନେରମା ଉତ୍ସାହଜନକ ନୁହେଁ। ୨୦୨୩ -୨୪ମସିହାରେ ବଜେଟ ପରି ପି.ଏମ. ଆବାସ ଯୋଜନା କଥା କୁହାଯାଇ ହାରାହାରି ୪୦ ଲକ୍ଷ ଘର ଦେବା ଘୋଷଣା ଦେଇଥିଲେ ମଧ୍ୟ ବାସ୍ତବରେ ତାହା ହୋଇନାହିଁ। ଏହି ବଜେଟରେ କେବଳ ୨୦୨୩- ୨୪ ମସହାରେ ଚଳିତ ବଜେଟରେ କଣ ହୋଇଛି ତାହାର ବିସ୍ତୃତ ବର୍ଣ୍ଣନା କେବଳ ହୋଇଛି। ସବୁଠାରୁ ଉଲ୍ଲେଖନୀୟ ବ୍ୟବସ୍ଥା ହେଲା ଅତ୍ୟଧିକ ଭାବରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଉପରେ ଜି.ଏସ.ଟି. ଓ ଅନ୍ୟାନ୍ୟ ଟିକସରୁ ଆଦୌ ରିହାତି ଦିଆଯାଇ ନାହିଁ। ପେଟ୍ରୋଲ, ଡିଜେଲ ଓ ରୋଷେଇ ଗ୍ୟାସ ଉପରୁ ଟିକସ ଛାଡ କରାଯାଇ ନାହିଁ। ଫଳରେ ଦରଦାମ ବୃଦ୍ଧି ଯେପରି ହୋଇଛି। ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ଓ ଗରିବ ଶ୍ରେଣୀକୁ ବାଧକର ହୋଇଥିବା ପ୍ରସଙ୍ଗକୁ କେନ୍ଦ୍ର ସରକାର ଏଡାଇ ଦେଇଛନ୍ତି। ଏଥିପାଇଁ ମୁଦ୍ରାସ୍ଫିତି ମଧ୍ୟ ବୃଦ୍ଧି ସାଧାରଣ ଲୋକଙ୍କ ଅର୍ଥ ନୈତିକ ସମସ୍ୟା ଅଧିକ ଜଟିଳ କର ହେବାରେ ଲାଗିଛି। ଏଥିପାଇଁ କୃଷକ ଓ ଟ୍ରେଡ ୟୁନିୟନମାନଙ୍କ ଆନ୍ଦୋଳନକୁ ଗୁରୁତ୍ୱ ଦିଆଯାଇ ନାହିଁ। କେବଳ ମହିଳା କହିଲେ ଆଶାଦିଦି ଓ ଅଙ୍ଗନୱାଡି କର୍ମୀ ଛାଡିଦେଲେ କୋଟି କୋଟି ମହିଳାଙ୍କ ଜୀବନ ଜୀବିକା ଉପରେ ଗୁରୁତ୍ୱ ନିଆଯାଇ ନାହିଁ। ଯଦିଓ ବିତ୍ତୀୟ ନୀୟନ୍ତ୍ର ଶତକଡା ୪- ୫ ଭାଗ କରାଯିବାକୁ ଲକ୍ଷ୍ୟ କରାଯାଇଛି। କିନ୍ତୁ ତାହା ବହୁ ଉପରେ ରହିଛି। ଏହା ଆହୁରି ଋଣ ପରିମାଣକୁ ବୃଦ୍ଧି କରିବ। ଏହିସବୁ ଦୃଷ୍ଟିକୋଣରୁ ଏହି ବଜେଟ କେତେକ ସମସ୍ୟାକୁ ଛାଡିଦେଇ ଅଧିକାଂଶ ଦୃଷ୍ଟିରୁ ନୈରାଶ୍ୟ ଜନକ ବୋଲି ଉଲ୍ଲେଖ କରିଛନ୍ତି।



# ମଦନାବତୀ ସ୍କୁଲରେ ବାର୍ଷିକ ଉତ୍ସବ



**ସମ୍ବଲପୁର, ୧।୨(ସମିସ):** ସମ୍ବଲପୁରର ଅଇଁଠାପାଲିସ୍ଥିତ ମଦନାବତୀ ପବ୍ଲିକ ସ୍କୁଲର ୪୪ତମ ବାର୍ଷିକ ଉତ୍ସବ ଗତକାଲି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେଇଯାଇଛି। ରେଢ଼ାଖୋଲ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ରୋହିତ ପୂଜାରୀ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପିଜିସି ଚେଆରମ୍ୟାନ ପ୍ରଫେସର ଏସକେ ଦାସ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ଭାବନା ଲାଠ, ଟ୍ରଷ୍ଟି ଆଶିଷ ଲାଠ ଓ ଅଧକ୍ଷ ବେଣୁଧର ନାଇଡୁ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଛଅ ଜଣ ଛାତ୍ର ଛାତ୍ରୀଙ୍କୁ ଦଶମ ଓ ଦ୍ୱାଦଶ ସିବିଏସଇ ପରୀକ୍ଷାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଟ୍ରଫି ସହ ପୁରସ୍କୃତ କରାଯାଇଥିଲା। ସାତ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଓ ଅଫିସ କର୍ମଚାରୀଙ୍କୁ ଉତ୍କୃଷ୍ଟ ଓ ଦୀର୍ଘ ସେବା ପାଇଁ ସମ୍ମାନିତ କରାଯାଇଥିଲା। ୬୪୦ ଜଣ ଛାତ୍ର ଛାତ୍ରୀ ୧୬ଟି ସାଂସ୍କୃତିକ କାର୍ଯ୍ୟକ୍ଷମ ପରିବେଷଣ କରିଥିଲେ।

# ସମ୍ବଲପୁର ମହୋତ୍ସବ ପାଇଁ ଭୂମିପୂଜା

**ସମ୍ବଲପୁର, ୧।୨(ସମିସ):** ଫେବୃଆରୀ ୮ରୁ ୧୪ ପର୍ଯ୍ୟନ୍ତ ସ୍ଥାନୀୟ ବୀର୍ସା ମଏଦାନ୍, ପିଏଚ୍‌ଡି ପଡ଼ିଆ ଠାରେ ହେବାକୁ ଥିବା ସମ୍ବଲ୍‌ପୁର ମହୋତ୍ସବ ପାଇଁ ଆଜି ଭୂମି ପୂଜା ଓ ଶୁଭ ସ୍ତମ୍ଭ ସ୍ଥାପନ କରାଯାଇଛି। ପଣ୍ଡିତ ସଦାଶିବ ତ୍ରିପାଠୀଙ୍କ ପୌରୋହିତ୍ୟରେ ଭୂମି ପୂଜାରେ ସମ୍ବଲପୁର ସାଂସ୍କୃତିକ ପରିଷଦର କର୍ମକର୍ତ୍ତାମାନଙ୍କ ମଧ୍ୟରୁ ସର୍ବଶ୍ରୀ ଭକ୍ତପ୍ରସାଦ ନନ୍ଦ, ସପନ ମିଶ୍ର, ଭାରତୀ ପଣ୍ଡା, ସ୍ୱର୍ଣ୍ଣଜିତ ପଟ୍ଟନାୟକ, ରାଜକୁମାର ଜାଲ୍, ମାନସ ବକ୍ସି, ସୁମନ୍ତ ଆଚାର୍ଯ୍ୟ, ଅଭିଳାଷ ପ୍ରଧାନ, ଅନୁଜ ଜେନା, ଜୟଶ୍ରୀ ପୁରୋହିତ, ପାର୍ବତୀ ସେଠ, ପ୍ରବୀଣ ସୂପକାର, ତୁଷାର ପଣ୍ଡା, ସନ୍ଦୀପ ସିଂ ପ୍ରମୂଖ ଉପସ୍ଥିତ ଥିଲେ। ଜମି ଖୋଳା ପରେ ଖୁଁଟି ପୂଜା କରାଯାଇ ଧ୍ୱଜା ଉଡ଼ା ଯାଇଥିଲା। ଏବର୍ଷର ମହୋତ୍ସବରେ ବିଭିନ୍ନ ବ୍ୟବସାୟିକ ଷ୍ଟଲ୍ ସହ ଗ୍ରାମୀଣ ଦ୍ରବ୍ୟର ବିକ୍ରି ପାଇଁ ସୁବିଧା ମଧ୍ୟ କରାଯିବ। ମନ୍ ହରି ହାଟ୍, ମୀନା ବଜାର ସହ ସୁଆଦ୍ ସମ୍ବଲପୁରୀ ଖାଦ୍ୟ ଷ୍ଟଲ୍ ମଧ୍ୟ ରହିବ। ଭାରତର ବିଭିନ୍ନ ରାଜ୍ୟର ହସ୍ତତନ୍ତ ଶାଢ଼ୀ କପଡ଼ାର ପ୍ରାୟ ୩୦ଟି ଭିନ୍ନ ଭିନ୍ନ ଧରଣର ଲୁଗା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ମୁଖ୍ୟ ମଞ୍ଚକୁ ପାରମ୍ପାରିକ ଢାଞ୍ଚାରେ ତିଆରି କରାଯିବା ସହିତ ଭିଆଇପି ପ୍ରବେଶ ପାଇଁ ସ୍ୱତନ୍ତ୍ର କରିଡର କରାଯାଉଛି। ଏ ସମସ୍ତ ବ୍ୟବସ୍ଥା ବାବଦରେ ପ୍ରାୟ ୨୦ ଲକ୍ଷ୍ୟ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ମୁଖ୍ୟ ମଞ୍ଚରେ ୮ରୁ ୧୪ ଫେବୃଆରୀ ଧରି ପ୍ରତି ସଂଧ୍ୟାରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହେବାକୁ ଥିବା ବେଳେ ଷ୍ଟଲ ଓ ମୀନା ବଜାର ତଥା ମନ୍ ହରି ହାଟ୍ ୧୮ ଫେବୃଆରୀ ପର୍ଯ୍ୟନ୍ତ ଚାଲୁ ରହିବ। ଏ ବର୍ଷ ମୁଖ୍ୟ ମଞ୍ଚରେ ବିଭିନ୍ନ ସ୍କୁଲ୍ ଓ କଲେଜର ଛାତ୍ରଛାତ୍ରୀମାନେ ମଧ୍ୟ ଦଳଗତ ନୃତ୍ୟ ପରିବେଷଣ କରିବେ। ମହୋତ୍ସବର ଅବ୍ୟବହତି ପୂର୍ବରୁ ଆସନ୍ତା ୪ ଫେବୃଆରୀ ରବିବାର ଦିନ ସକାଳ ୯ ଟାରୁ ଜିଏମ୍ ବିଶ୍ୱବିଦ୍ୟାଳୟଠାରେ ସ୍କୁଲ୍ ଓ କଲେଜ୍‌ର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଏଥିରେ ବିଭିନ୍ନ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ୫ ଟି ବର୍ଗରେ ବିଭାଗୀକୃତ କରି ଭିନ୍ନ ଭିନ୍ନ ବିଷୟରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବ। ଅଂଶଗ୍ରହଣକାରୀ ସମସ୍ତଙ୍କୁ ମହୋତ୍ସବର ପ୍ରଥମ ସଂଧ୍ୟାରେ ମୁଖ୍ୟ ମଞ୍ଚରେ ସାର୍ଟିଫିକେଟ ପ୍ରଦାନ କରାଯିବା ସହ ପ୍ରତ୍ୟେକ ବର୍ଗର ପ୍ରଥମ ତିନିଜଣ କୃତି ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ୍ ସହ ଟ୍ରଫି ମଧ୍ୟ ପ୍ରଦାନ କରାଯିବ।



# ୱାର୍ଡ ନମ୍ବର ୭ରେ ବିଜେଡି କର୍ମୀ ବୈଠକ



**ବୁର୍ଲା, ୧।୨(ସମିସ):** ବିଜେଡି ପରିବାର ସମ୍ପର୍କ ଯାତ୍ରା ଗଣେଶ ନଗର, ପଠାନ ବନ୍ଧ ୱାର୍ଡ ନମ୍ବର ୭ ଠାରେ ଏକ ବିଜେଡି କର୍ମୀ ବୈଠକ ଅନୁଷ୍ଠିତ ହେଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଯୋଜନାରେ ୱାର୍ଡ ନମ୍ବର ୭ର ସର୍ବାଙ୍ଗୀନ ଉନ୍ନତି ମହିଳାମାନଙ୍କର ବିକାଶ ସହିତ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ବିକଳାଙ୍ଗ ଭତ୍ତା, ଅବିବାହିତ ଝିଅମାନଙ୍କୁ ଭତ୍ତା ଦେବା ପାଇଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିଜେଡିର ବରିଷ୍ଠ ନେତା ପ୍ରଫୁଲ୍ଲ କୁମାର ନାୟକ, ଅନିତା ନାଏକ, ରୁନୁ ନାଏକ, ଆଶା ଲତା ଜେନା, ରୁକୁଣୀ ଗଣ୍ଡ, ରଶ୍ମିତା ନାଏକ, ମିନି ସାରାଉଙ୍ଗ, କୁନ୍ତୀ ନାଏକ, ଅରୁଣୀ ସୁନା, ଶ୍ୟାମ ନାୟକ, ସୁବୋଧ ଦାସ, ନବ ରାଉତ, ରୋମୀ ମହାପାତ୍ର, ମନୋଜ ଲୁହା, ବିନୋଦ ମେହେର, ଭାରତ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନବୀନ ପଟ୍ଟନାୟକଙ୍କୁ ବହୁ ମାତ୍ରାରେ ଭୋଟ ଦେଇ ବିଜୟୀ କରିବାକୁ ସ୍ଥିରକୃତ ହୋଇଥିଲା

# ସମ୍ବଲପୁର ନୂତନ ଜିଲ୍ଲାପାଳଙ୍କୁ ଓଜେୟୁ ପକ୍ଷରୁ ସ୍ୱାଗତ

**ସମ୍ବଲପୁର, ୧।୨(ସମିସ):** ୨୦୧୯ ବ୍ୟାଚ ଆଇଏଏସ ଅକ୍ଷୟ ସୁନିଲ ଅଗ୍ରୱାଲ ସମ୍ବଲପୁର ଜିଲ୍ଲାପାଳ ଭାବେ ବୁଧବାର ଦାୟିତ୍ୱ ଗ୍ରହଣ କରିବା ପରେ ଆଜି ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ସମ୍ବଲପୁର ଜିଲ୍ଲା ଶାଖା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲ୍ଲା ସଭାପତି ହିମାଂଶୁ ଶେଖର ମିଶ୍ରଙ୍କ ନେତୃତ୍ୱରେ ନୂତନ ଜିଲ୍ଲାପାଳଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ଜିଲ୍ଲାର ବିକାଶ ଧାରାକୁ ଆଗେଇ ନେବା ମୋର ପ୍ରାଥମିକତା ହେବ ଏବଂ ମା' ସମଲେଶ୍ୱରୀଙ୍କ ସେବା କରିବାର ଏହା ଏକ ସୁଯୋଗ ବୋଲି ଜିଲ୍ଲାପାଳ ଶ୍ରୀ ଅଗ୍ରୱାଲ ପ୍ରକାଶ କରିଛନ୍ତି। ଆଗକୁ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଜିଲ୍ଲାରେ କିଭଳି ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରାଯିବ ସେଥିପ୍ରତି ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ସୂଚନାଯୋଗ୍ୟ ଯେ, ଶ୍ରୀ ଅଗ୍ରୱାଲ ଏହା ପୂର୍ବରୁ ମୟୁରଭଞ୍ଜର ଅତିରିକ୍ତ ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ। ଆଜିର କାର୍ଯ୍ୟକ୍ରମରେ ସଂଘର ପ୍ରାନ୍ତୀୟ ସମ୍ପାଦକ ପଶ୍ଚିମ ଓଡ଼ିଶା ରମାକାନ୍ତ ବିଶ୍ୱାଳ, ଜିଲ୍ଲା ସାଧାରଣ ସମ୍ପାଦକ ସରୋଜ ସାହୁ, ସାମ୍ବାଦିକ ସାଧବ ପ୍ରଧାନ, ଅନିଲ ଶ୍ରୀରାମକା, ଦେବାଶିଷ ବେହେରା, ହରି ଶଙ୍କର ମିଶ୍ର, ସଂଜୀବ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



# ମହିଳା କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ସମ୍ବଲପୁର, ୧।୨(ସମିସ):** ସମ୍ବଲପୁର ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସେପ୍ଟେମ୍ବରରୁ ଆରମ୍ଭ ହୋଇଥିବା ରାଣୀ ଲକ୍ଷ୍ମୀବାଇ ଆତ୍ମ ପ୍ରଶିକ୍ଷଣ କୌଶଳ ଶିବିର ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ଦ୍ୱାରା ଉଦପାପିତ ହୋଇଯାଇଛି। ପାଞ୍ଚୋଟି ପର୍ଯ୍ୟାୟରେ ଉଭୟ ଅନୁଷ୍ଠାନର ସମୁଦାୟ ୪୮୬ ଜଣ ଛାତ୍ରୀ ଏହି ପ୍ରଶିକ୍ଷଣ ଶିବିରରେ ଭାଗ ନେଇ ସଫଳ ତାଲିମ ପାଇଥିଲେ। ରାଜ୍ୟ ସ୍ୱୀକୃତିପ୍ରାପ୍ତ ପ୍ରଶିକ୍ଷିକା ମୀନାରାଣୀ ମଲ୍ଲିକ ଏବଂ ସୁଷମା ସଂଗୀତା ତିର୍କୀ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ବର୍ଷର ଶେଷ ତାଲିମ ଶିବିର ଜାନୁଆରୀ ୧୮ରେ ଆରମ୍ଭ ହୋଇ ଫେବୃଆରୀ ୧ରେ ଶେଷ ହୋଇଛି। ଶିବିରରେ ଛାତ୍ରୀମାନଙ୍କର ପ୍ରତିକ୍ରିୟା ଉତ୍ସାହଜନକ ହୋଇଥିଲା। ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଶଶୀ ଭୂଷଣ ପ୍ରଧାନ ଓ ବବିତା ନାୟକ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଂଧ୍ୟାରାଣୀ ଭୋଇ ଓ ବିଜୟ ଲକ୍ଷ୍ମୀ ବରିହା ଶିବିର ପରିଚାଳନା କରିଥିଲେ।



# କେନ୍ଦ୍ରୀୟ ବିଦ୍ୟାଳୟ-୨ରେ ପ୍ୟାରେଣ୍ଟସ ଡେ ପାଳନ

**ବୁର୍ଲା, ୧।୨(ସମିସ):** ବୁର୍ଲାସ୍ଥିତ ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ ୨ରେ ଆଜି ଗ୍ରାଣ୍ଡ ପ୍ୟାରେଣ୍ଟସ ଡେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁସ୍ମିତା ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅବସର ପ୍ରାପ୍ତ ରେଙ୍ଗାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପବନ୍ଧୁ ପୃଷ୍ଟି ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଏହି ଦିନର ମହତ୍ତ୍ୱ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ନିର୍ଦ୍ଦେଶକ ଭୋଲାନାଥ କରାଲି ଦିବସ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରାଥମିକ ଶିକ୍ଷକ ରଞ୍ଜନ ନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷିକା ସ୍ନେହାମୟୀ ସାମଲ, ସେବତୀ ସାହୁ ଏବଂ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଦିଗଦର୍ଶନରେ କାର୍ଯ୍ୟକର୍ମ ହୋଇଥିଲା। ଆୟୋଜକ ଅରକ୍ଷିତ କୁମ୍ଭାର, ମୋନିକା ଦାଦୁ, ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ଉତ୍କଳ ନାୟକ, ଅଜିତ ଦିପ୍, ଡୋଲାମଣୀ ଭୁଏ, ସୁରଜ ପୃଷ୍ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ମଞ୍ଚରେ ବିଦ୍ୟାଳୟର ଶିକ୍ଷକ ସୁରେଶ ମିର୍ଧା ସଂଗୀତ ପରିଚାଳନା କରିଥିଲେ। ଏହି ଅବସରରେ ଯୋଗଦାନ କରିଥିବା ଅଭିଭାବକମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କ୍ରୀଡା ମାଧ୍ୟମରେ ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ ସଫଳତା ପାଇଥିବା ସମସ୍ତ ଅଭିଭାବକମାନଙ୍କୁ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଫଳକ ତଥା ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟବାଦ ଭାଷଣ ଦେଇ ରାଷ୍ଟ୍ରଗାନ କରାଇଥିଲେ।



# ଲେଡି ଲୁଇସ ବାଳିକା ବିଦ୍ୟାଳୟ ପୁରସ୍କୃତ

**ସମ୍ବଲପୁର, ୧।୨(ସମିସ):** ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ପାଜ୍ୟ ସ୍ତରୀୟ ପୁରସ୍କାର ବିତରଣ ଉତ୍ସବରେ ଲେଡି ଲୁଇସ ବାଳିକା ବିଦ୍ୟାଳୟକୁ ଆଲୁମିନି ଏବଂ ମାଧ୍ୟମିକ ଶିକ୍ଷକ ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରେଷ୍ଠ ପୁରାତନ ଛାତ୍ର ସଂସଦ ପୁରସ୍କାର, ରାଜ୍ୟ ସ୍ତରୀୟ ମାତୃଭାଷାରେ ସୁନୀତା ପୁରୋହିତ, ଜିଲ୍ଲା ସ୍ତରୀୟ ସାମାଜିକ ବିଜ୍ଞାନରେ କମଳିନୀ ଆଚାର୍ଯ୍ୟ ଏବଂ ଜିଲ୍ଲା ସ୍ତରୀୟ ସଂସ୍କୃତ ଭାଷା ପାଇଁ ନିରୁପମା ଅଦାବରଙ୍କୁ ପୁରସ୍କୃତ କରାଯାଇଛି। ଶିକ୍ଷୟିତ୍ରୀମାନଙ୍କ ସହିତ ପୁରାତନ ଛାତ୍ରୀ ସଂସଦର ଅଧକ୍ଷା ସୁଶ୍ରୀ ଅପର୍ଣ୍ଣା ପାଢ଼ୀ ଏବଂ ସଂପାଦିକା ରାଜଶ୍ରୀ ମିଶ୍ର ଏହି ଉତ୍ସବରେ ଯୋଗଦାନ କରିଥିଲେ। ଉପ ଜିଲ୍ଲା ଶିକ୍ଷା ଅଧିକାରୀ ପଦ୍ମିନୀ ଦୋରାଙ୍କ ତତ୍ତ୍ୱାବଧାନରେ ସଂପାଦିତ ହୋଇଥିଲା।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ: ରେମେଡ୍ ରେ ଉଡ଼ିଲା ହେଲିକେପ୍ଟର

**ସମ୍ବଲପୁର, ୧।୨(ସମିସ):** ସମ୍ବଲପୁର ଜିଲ୍ଲା ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫେବ୍ରୁଆରୀ ୩ ତାରିଖ ଆସୁଛନ୍ତି। ଏହାକୁ ନେଇ ଜିଲ୍ଲା ପ୍ରଶାସନ ଓ ବିଜେପି ପକ୍ଷରୁ ପ୍ରସ୍ତୁତି କରିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ସଭାସ୍ଥଳ ଓ ଆଇଆଇଏ ପରିଦର୍ଶନ କରିଛନ୍ତି। ସଭାସ୍ଥଳ ରେମେଡରେ ନୁତନ ଭାବେ ହ୍ୟାଲିପ୍ୟାଡ ନିର୍ମାଣ କରାଯାଇଛି। ଟ୍ରାଫିକ ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ସହିତ କିଭଳି କାମ ହେବ ସେନେଇ ପ୍ରସ୍ତୁତି କରାଯାଉଛି। ଅନ୍ୟପଟେ ବିଜେପି ପକ୍ଷରୁ ମଧ୍ୟ ବ୍ୟାପକ ପ୍ରସ୍ତୁତି କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଇ.ଆଇ.ଏମ୍‌ର ଲୋକାର୍ପଣ ସହିତ ୧୧ ଗୋଟି ପ୍ରକଳ୍ପର ଶିଳାନ୍ୟାସ ଓ ଏକ ସାଧାରଣ ସଭା ର କାର୍ଯକ୍ରମ ରହିଛି। ରେଙ୍ଗାଲି ବିଧାୟକ ନାଉରୀ ନାୟକ, କୁଚିଣ୍ଡା ପୂର୍ବତନ ବିଧାୟକ ରବି ନାରାୟଣ ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ଜିଲ୍ଲା ସଭାପତି ଗିରିଶ ପଟେଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାମ ଚନ୍ଦ୍ର ମେହେର ଓ ଜିଲ୍ଲା ଗଣମାଧ୍ୟମ ସଂଯୋଜକ ସଞ୍ଜୟ କୁମାର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ରହି ତଦାରଖ କରିଛନ୍ତି। ସୂଚନା ଯୋଗ୍ୟଯେ, ସମ୍ବଲପୁର ଆଇଆଇଏମର ସ୍ଥାୟୀ କ୍ୟାମ୍ପସକୁ ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିଥିଲେ। ପ୍ରାୟ ୪୦୦ କୋଟିର ଏହି ପ୍ରକଳ୍ପ ଉଦଘାଟନ କରିବାକୁ ଆସୁଛନ୍ତି ଏହା ଖୁସିର ବିଷୟ ବୋଲି କହିଛନ୍ତି ନିର୍ଦ୍ଦେଶକ ମହାଦେବ ପ୍ରସାଦ ଜଏସ୍ୱାଲ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଶିକ୍ଷାବିତ, ବୁଦ୍ଧିଜୀବୀ, ଡାକ୍ତର, ଇଞ୍ଜିନିଅରଙ୍କୁ ନିମନ୍ତ୍ରଣ କରାଯାଇଛି। ଏଥିପାଇଁ କ୍ୟାମ୍ପସ ଭିତରେ ୩ ଟି ହେଲିପେଡ ପ୍ରସ୍ତୁତ ହୋଇଛି।



## ଫେବୃଆରୀ ୩ରେ ପ୍ରଧାନମନ୍ତ୍ରୀ ଗସ୍ତ

# ଲୋକାର୍ପଣ ଓ ଶିଳାନ୍ୟାସ କରିବେ ରେଳ ପ୍ରକଳ୍ପ

ସମ୍ବଲପୁର, ୧।୨(ସମିସ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଓଡ଼ିଶାର ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ଉଦଘାଟନ, ଲୋକାର୍ପଣ ଓ ଶିଳାନ୍ୟାସ ହେବ। ଫେବୃଆରୀ ୩ ତାରିଖ ସମ୍ବଲପୁର ଗସ୍ତ ସମୟରେ ଏହି କାର୍ଯ୍ୟକ୍ରମ ଗୁଡିକ ରହିଛି ବୋଲି ସମ୍ବଲପୁର ରେଳ ମଣ୍ଡଳ ରେଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେଙ୍କ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ସେ ଆହୁରି କହିଥିଲେଯେ, ସମ୍ବଲପୁର ସ୍ଥିତ ଆଇଆଇଏମ ଠାରେ ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ଉଦଘାଟନ, ଲୋକାର୍ପଣ ଓ ଶିଳାନ୍ୟାସ କରିବେ। ସେଥି ମଧ୍ୟରୁ ସମ୍ବଲପୁର-ତାଳଚେର ଦୋହରୀକରଣ ଲାଇନ (୧୬୮ କିମି), ଖୋର୍ଦ୍ଧା-ବଲାଙ୍ଗୀର ପ୍ରକଳ୍ପ ଅନ୍ତର୍ଗତ ଝାରତରଭା-ସୋନପୁର ନୂତନ ଲାଇନ (୨୧.୭ କିମି)କୁ ରାଷ୍ଟ୍ରକୁ ସମର୍ପିତ କରିବା ସହିତ ସମ୍ବଲପୁର ରେଳ ଷ୍ଟେସନର ପୁନଃବିକାଶର ଭିତ୍ତି ପ୍ରସ୍ଥ ସ୍ଥାପନ କରିବେ। ସୋନପୁର-ପୁରୀ-ସୋନପୁର ସାପ୍ତାହିକ ଏକ୍ସପ୍ରେସ ଟ୍ରେନକୁ ସବୁଜ ପାତାକା ଦେଖାଇ ଶୁଭାରମ୍ଭ କରିବେ। ଭାରତୀୟ ରେଳବାଇ ଆଧୁନିକୀକରଣ ଦିଗରେ ଓ ଭାରତ ସରକାରଙ୍କ ନୂତନ ଭାରତର ସ୍ୱପ୍ନକୁ ପୂରଣ କରିବା ପାଇଁ ଦ୍ରୁତ ଗତିରେ ଅଗ୍ରସର ହେଉଛି। ସମ୍ବଲପୁର-ତାଳଚେର ଦୋହରୀକରଣ ଲାଇନ - ଏହି ପ୍ରକଳ୍ପ ୧୬୮ କି.ମି. ଅଟେ। ଓଡ଼ିଶାର ସମ୍ବଲପୁର ଓ ଅନୁଗୁଳ ଜିଲ୍ଲା ଦେଇଯାଇଛି। ଏହି ପ୍ରକଳ୍ପରେ ୧୫୩୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି ପ୍ରକଳ୍ପ କୋଇଲ ପରିବହନ ବୃଦ୍ଧି କରିବାରେ ସହାୟକ ହେଉଛି ତଥା ପଶ୍ଚିମ ଓଡ଼ିଶାରୁ ପୂର୍ବ ଓଡ଼ିଶାକୁ ଯୋଡ଼ିବାରେ ମଧ୍ୟ ସହାୟକ ହେଉଛି। ଝାରତରଭା-ସୋନପୁର (୨୧.୭ କି.ମି) ନୂତନ ଲାଇନ (ଖୋର୍ଦ୍ଧା-ବଲାଙ୍ଗୀର ନୂତନ ଲାଇନ ପ୍ରକଳ୍ପର ଅଂଶ)। ଏହି ପରିଯୋଜନା ଏକ ସାମାଜିକ ଆର୍ଥିକ ପେିଯୋଜନା ଅଟେ ଯାହା ଓଡ଼ିଶାର ଆଭ୍ୟନ୍ତରୀ ଅଞ୍ଚଳ ସହିତ ସହର ଗୁଡ଼ିକ ସହିତ ସଂଯୋଗ କରିବ। ସମ୍ବଲପୁର ରେଳ ଷ୍ଟେସନର ପୁନଃବିକାଶର ପାଇଁ ୩୪୮ କୋଟି ଟଙ୍କାର ଭିତ୍ତି ପ୍ରସ୍ଥ ସ୍ଥାପନ ହେବ। ଯାତ୍ରୀ ସୁବିଧା ଯଥା - ୨୦ ଗୋଟି ଲିଫ୍ଟ, ୨୧ ଗୋଟି ଏସ୍କାଲେଟର ଆଦି ଉପଲବ୍ଧ କରାଯିବ ତଥା ସମସ୍ତ ଆବଶ୍ୟକ ସୁବିଧା ଗୁଡ଼ିକ ମଧ୍ୟ ଯୋଗାଇ ଦିଆଯିବ। ପ୍ରକଳ୍ପ ସଂପୂର୍ଣ୍ଣ ପରେ ଯାତ୍ରୀମାନେ ବିଶ୍ୱସ୍ତରୀୟ ସୁବିଧାର ଅନୁଭବ କରିବେ। ପୁରୀ-ସୋନପୁର-ପୁରୀ ସାପ୍ତାହିକ ଏକ୍ସପ୍ରେସ ଟ୍ରେନର ଶୁଭାରମ୍ଭ ହେବ। ଏହି ଟ୍ରେନ ଚଳାଚଳ ପରେ ସ୍ଥାନୀୟ ଯାତ୍ରୀ, ଛାତ୍ରଛାତ୍ରୀ, କୃଷକ, ତୀର୍ଥଯାତ୍ରୀ ଓ ସ୍ଥାନୀୟ ବ୍ୟାପାରୀମାନର ଉପକୃତ ହେବେ ତଥା ପଶ୍ଚିମ ଓଡ଼ିଶା ସହିତ ପୂର୍ବ ଓଡ଼ିଶା ଯୋଡ଼ିହେବ ବୋଲି କହିଥିଲେ।

